بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସାପ୍ତାହିକ

# ବଦର

The Weekly କାଦିଆନ BADAR Qadian ODIA

ସଂଖ୍ୟା 29

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

19 ଜୁଲାଇ 2018 19 ୱଫା 1397 ହି.ଶ 05 ଜୁଲ୍‌କାଦା 1439 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

يَاۤاَيُّهَا الَّذِيۡنَ اٰمَنُوا
ادۡخُلُوۡا فِى السِّلۡمِ كَآفَّةً
وَّلَا تَتَّبِعُوۡا خُطُوٰتِ الشَّيۡطٰنِ
اِنَّهٗ لَـكُمۡ عَدُوٌّ مُّبِيۡنٌ ○

(209: سورۃ البقرۃ)

ଅନୁବାଦ - ହେ ବିଶ୍ୱାସକାରୀମାନେ ! ତୁମେମାନେ ସମସ୍ତେ ଆଜ୍ଞାନୁବର୍ତିକାର (ପରିସର) ମଧ୍ୟକୁ ଆସ ଓ ସଇତାନ୍‌ର ପଦାଙ୍କ ଅନୁସରଣ କରନାହିଁ । ବାସ୍ତବରେ ସେ ତୁମମାନଙ୍କର ପ୍ରକାଶ୍ୟ ଶତ୍ରୁ ।

(ସୁରା ବକରାଃ : ୨୦୯)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ଆମ ଇଶ୍ୱରଙ୍କ ନିକଟରେ ଅଗଣତି ଚମତ୍କାରିତା ରହିଛି । କିନ୍ତୁ ସେ ହିଁ ତାକୁ ଦର୍ଶନ କରିଥାଏ ଯିଏ ସତ୍ୟତା ଓ ପ୍ରେମର ସହିତ ତାର ହୋଇଯାଏ ।
ଆମର ବୈକୁଣ୍ଠ ହେଉଛନ୍ତି ଆମ୍ଭର ଖୁଦା, ଆମ୍ଭର ଅସୀମ ଆନନ୍ଦ ଆମ୍ଭ ଇଶ୍ୱର ପ୍ରାପ୍ତିରେ ରହିଛି କାରଣ ଆମେ ତାଙ୍କୁ ଦେଖିନେଲୁ ଏବଂ ସମସ୍ତ ସୌନ୍ଦର୍ଯ୍ୟ ତାଙ୍କରିଠାରେ ପାଇଲୁ ।
ଏହି ସମ୍ପତି ହାସଲ କରିବା ଯୋଗ୍ୟ ଯଦିଚ ନିଜ ପ୍ରାଣର ଆହୁତି ଦେବାରେ ପ୍ରାପ୍ତ ହୁଏ ଏବଂ ଏହି ରତ୍ନ କ୍ରୟ କରିବା ଯୋଗ୍ୟ
ଯଦିଚ ନିଜକୁ ସମ୍ପୂର୍ଣ ରୂପେ ହଜାଇ ଦେବାରେ ପ୍ରାପ୍ତ ହୁଏ ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ଯାହା ନିକଟରେ ଏହା ପ୍ରକୃତିର ନିୟମର ବିରୋଧ ଅଟେ ଓ ଯିଏ ଇଶ୍ୱରଙ୍କୁ ପ୍ରତ୍ୟେକ ବସ୍ତୁ ଉପରେ (ଅର୍ଥାତ୍ ସବୁକିଛି କରିବା) ପାଇଁ ସମର୍ଥ ବୋଲି ଭାବୁନାହିଁ ସେହି ବ୍ୟକ୍ତିର ଦୁଆ କାହିଁକି ଗ୍ରହଣୀୟ ହେବ ଓ ତାକୁ କାହିଁକି ଅସୁବିଧା ସମୟରେ ଦୁଆ କରିବା ପାଇଁ ସାହାସ ହେବ । କିନ୍ତୁ ହେ ପୁଣ୍ୟବାନ୍ ମନୁଷ୍ୟ ! ତୁମେ ଏପରି କରନାହିଁ, ତୁମ ଇଶ୍ୱର ହେଉଛନ୍ତି ସେ ଯିଏ ଅଗଣତି ତାରକା ମାନଙ୍କୁ ବିନା କୌଣସି ଖୁଂଟିରେ ଲଟକାଇ ଦେଇଛନ୍ତି ଓ ଯିଏ ଆକାଶ ଓ ପୃଥିବୀକୁ କେବଳ ଶୂନ୍ୟରୁ ସୃଷ୍ଟି କରିଛନ୍ତି । କଣ ତୁମେ ତା ଉପରେ ବଦଜନୀ (କୁଧାରଣା) ରଖିଛ କି ସେ ତୁମ କାର୍ଯ୍ୟଦ୍ୱାରା ବିବଶ ହୋଇଯିବ* । ବରଂ ତୁମ କୁଧାରଣା ହିଁ ତୁମକୁ ମହ୍‌ରୁମ୍ (ବଂଚିତ) ରଖିବ । ଆମ ଇଶ୍ୱରଙ୍କ ନିକଟରେ ଅଗଣତି ଚମତ୍କାର ରହିଛି । କିନ୍ତୁ ସେ ହିଁ ତାକୁ ଦର୍ଶନ କରିଥାଏ ଯିଏ ସତ୍ୟତା ଓ ପ୍ରେମର ସହିତ ତାର ହୋଇଯାଏ । ସେ (ଇଶ୍ୱର) ଅନ୍ୟମାନଙ୍କ ଉପରେ, ଯେଉଁମାନେ ତା ଶକ୍ତି ଉପରେ ବିଶ୍ୱାସ ଆଣୁନାହାଁନ୍ତି ଏବଂ ତାର ସଚ୍ଚା ଭକ୍ତ ନୁହଁନ୍ତି, ଉକ୍ତ ଚମତ୍କାରକୁ ପ୍ରକାଶ କରେନାହିଁ । କିପରି ଦୁର୍ଭାଗ୍ୟ ତାହାର ଯାହାକୁ ଏପର୍ଯ୍ୟନ୍ତ ଜଣା ନାହିଁ ଯେ ତାହାର ଜଣେ ପାଳନକର୍ତା ଅଛି ଯେ ସର୍ବଶକ୍ତିମାନ । ଆମର ବୈକୁଣ୍ଠ ହେଉଛନ୍ତି ଆମ୍ଭର ଖୁଦା, ଆମ୍ଭର ଅସୀମ ଆନନ୍ଦ ଆମ୍ଭ ଇଶ୍ୱର ପ୍ରାପ୍ତିରେ ରହିଛି କାରଣ ଆମେ ତାଙ୍କୁ ଦେଖିନେଲୁ ଏବଂ ସମସ୍ତ ସୌନ୍ଦର୍ଯ୍ୟ ତାଙ୍କରିଠାରେ ପାଇଲୁ । ଏହି ସମ୍ପତି ହାସଲ କରିବା ଯୋଗ୍ୟ ଯଦିଚ ନିଜ ପ୍ରାଣର ଆହୁତି ଦେବାରେ ପ୍ରାପ୍ତ ହୁଏ ଏବଂ ଏହି ରତ୍ନ କ୍ରୟ କରିବା ଯୋଗ୍ୟ ଯଦିଚ ନିଜକୁ ସମ୍ପୂର୍ଣ ରୂପେ ହଜାଇ ଦେବାରେ ପ୍ରାପ୍ତ ହୁଏ । ହେ ଅଭାଗା(ମଣିଷ) ! ଏହି ଝରଣା ନିକଟକୁ ଦୌଡ଼ କାରଣ ଏହା ତୁମକୁ ତୃପ୍ତି ପ୍ରଦାନ କରିବ । ଏହା ଜୀବନ ପ୍ରଦାନକାରୀ ଝରଣା ଯାହାକି ତୁମକୁ ରକ୍ଷା କରିବ । ମୁଁ କଣ କରିବି ଓ କିଭଳି ଏହି ସମ୍ବାଦକୁ ହୃଦୟରେ ସ୍ଥାପନ କରିବି, କେଉଁ ବାଦ୍ୟଯନରେ ବଜାରରେ ଘୋଷଣା କରିବି କି ତୁମର ସୃଷ୍ଟିକର୍ତା ଅଲ୍ଲାଃ ଅଟନ୍ତି । ଯଦ୍ୱାରା ଲୋକମାନେ ଶୁଣିନେବେ ଏବଂ କେଉଁ ଔଷଧରେ ଚିକିତ୍ସା କରିବି ଯଦ୍ୱାରା ଲୋକେ ଏଥିପ୍ରତି କର୍ଣ୍ଣପାତ କରିବେ ।

ଯଦି ତୁମେ ଅଲ୍ଲାଃଙ୍କ ହୋଇଯିବ ନିଶ୍ଚିତ ରୂପେ ଜାଣିରଖ ଯେ ଅଲ୍ଲାଃ ତୁମର ଅଟନ୍ତି । ତୁମେ ଶୋଇରହିଥିବ, ଅଲ୍ଲାଃତାଲା ତୁମ ପାଇଁ ଜାଗିବ । ତୁମେ ଶତ୍ରୁଙ୍କ ପ୍ରତି ସାବଧାନ ନଥିବ କିନ୍ତୁ ଖୁଦା ତାକୁ ଦେଖିନେବେ ଓ ଶତ୍ରୁର ଯୋଜନାକୁ ପଣ୍ଡ କରିଦେବେ । ତୁମେ ଏପର୍ଯ୍ୟନ୍ତ ଜାଣିନାହଁ ଯେ ତୁମ ଖୁଦାଙ୍କ ନିକଟରେ କି କି ଶକ୍ତି ରହିଛି । ଯଦି ତୁମେ ଜାଣନ୍ତ ତେବେ ତୁମ ଉପରେ କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ ସଂସାର ପାଇଁ ବହୁତ ଦୁଃଖୀ ହୋଇଯାଆନ୍ତ । ଜଣେ ବ୍ୟକ୍ତି ଯିଏ ଗୋଟିଏ ଖଜାନା ନିଜ ପାଖରେ ରଖିଥାଏ ସେ କଣ ଗୋଟିଏ ପଇସା ନଷ୍ଟ ହେବାଦ୍ୱାରା କାନ୍ଦିଥାଏ ବା ଚିଲାଇଥାଏ ଓ ସେ କଣ ମରିବାକୁ ଲାଗିଥାଏ । ଯଦି ତୁମକୁ ଏହି ଖଜାନା (ଧନ ଭଣ୍ଡାର)ର ଏତଲା ଥାଆନ୍ତା ଯେ ଖୁଦା ତୁମର ପ୍ରତ୍ୟେକ ଦରକାର ସମୟରେ କାମରେ ଆସିବେ ବୋଲି ତେବେ ତୁମେ ସଂସାର ପାଇଁ କାହିଁକି ବିଚଳତ ହୁଅନ୍ତ । ଖୁଦା ହେଉଛନ୍ତି ଏକ ପ୍ରିୟ ଖଜାନା । ତାଙ୍କର ଆଦର କରନ୍ତୁ । ଫଳତଃ ସେ ତୁମକୁ ପାଦେ ପାଦେ ସାହାଯ୍ୟ କରିବେ । ତାଙ୍କ ବିନା ତୁମେ କିଛି ନୁହଁ ଓ ନା ତୁମର ଉପକରଣ ଓ ନା ତୁମର ଉପାୟ କିଛି ଅଟେ । ଅନ୍ୟ କୌମ୍(ଜାତି)ର ପଦାଙ୍କ ଅନୁକରଣ କରନାହିଁ କାରଣ ସେମାନେ ସମ୍ପୂର୍ଣ୍ଣ ରୂପେ ପାର୍ଥିବ ଉପକରଣ ଉପରେ ପଡ଼ି ରହିଛନ୍ତି ଯେପରି ସାପ ମାଟି ଖାଇଥାଏ ସେମାନେ ମଧ୍ୟ ନୀଚ ଉପକରଣର ମାଟି ଖାଇଛନ୍ତି । ଯେପରି ଶାଗୁଣା ଓ କୁକୁର ମୁର୍ଦ୍ଦାର ଖାଇଥାନ୍ତି ସେମାନେ ମଧ୍ୟ ମୁର୍ଦ୍ଦାର ଉପରେ ଦାନ୍ତ ମାରି ଖୁଦାଙ୍କ ଠାରୁ ବହୁତ ଦୂରରେ ପଡ଼ିଛନ୍ତି । ମଣିଷ ପୂଜା କଲେ ଓ ଖିନ୍‌ଜୀର (ଘୁଷୁରି) ଖାଇଲେ ଓ ମଦକୁ ପାଣି ପରି ବ୍ୟବହାର କଲେ ଏବଂ ମାତ୍ରାଧିକ ଉପକରଣ ଉପରେ ପଡ଼ିବା ଦ୍ୱାରା ଏବଂ ଅଲ୍ଲାଃଙ୍କ ଠାରୁ ଶକ୍ତି ନମାଗିବା ଦ୍ୱାରା ତାଙ୍କର ମୃତ୍ୟୁ ହେଲା । ସ୍ୱର୍ଗୀୟ ଆତ୍ମା ତାଙ୍କଠାରୁ ଏପରି ବାହାରି ଚାଲିଗଲା ଯେପରି ବସାରୁ କାବୁତି ଉଡ଼ି ଚାଲିଯାଏ । ସେମାନେ ସାଂସାରିକ ଉପାସକ ରୂପକ କୁଷ୍ଠ ରୋଗରେ ପିଡ଼ୀତ । ଯିଏ ତାଙ୍କର ସମସ୍ତ ଅନ୍ତରର ଅଙ୍ଗକୁ କାଟି ଦେଇଛି ତେଣୁ ତୁମେ ଏପରି କୁଷ୍ଠ ରେଗକୁ ଭୟକର । ମୁଁ ତୁମକୁ ଏକ ସୀମା ପର୍ଯ୍ୟନ୍ତ ଉପକରଣକୁ ବ୍ୟବହାର କରିବା ପାଇଁ ମନା କରୁନାହିଁ ବରଂ ସେଥିରୁ ମନା କରୁଛି ଯେ ତୁମେ ଅନ୍ୟ କୌମ୍‌ଙ୍କ ପରି କେବଳ ଉପକରଣର ଭକ୍ତ ହୁଅନାହିଁ ଏବଂ ସେ ଖୁଦାଙ୍କୁ ଭୁଲି ନଯାଅ ଯିଏ ଉପକରଣ ଗୁଡିକୁ ବ୍ୟବହାର କରିବା ପାଇଁ ତୁମକୁ ଦେଇଛନ୍ତି । ଯଦି ତୁମର ଆଖି ଅଛି ତେମେ ତୁମେ ଦେଖିପାରିବ ଯେ କେବଳ ଖୁଦା ହିଁ ଖୁଦା । ତାଙ୍କ ଛଡ଼ା ବାକି ସବୁ ନ୍ୟୁନ । ତୁମେ ହାତକୁ ସିଧା କରିପାରିବ ନାହିଁ ନା ଏକାଠି କରିପାରିବ । କିନ୍ତୁ ତାର ଅନୁମତି କ୍ରମେ । ଜଣେ ମୁର୍ଦ୍ଦାର ଏହା ଉପରେ ହସୁଥାଏ କିନ୍ତୁ ଯଦି ସେ ମରିଯାଇଥାନ୍ତା ତେବେ ସେଇ ହସଠାରୁ ତାହା ଭଲହୋଇଥାନ୍ତା । ଖବର୍‌ଦାର !!! ତୁମେ ଅନ୍ୟ କୌମ୍‌କୁ ଦେଖି ତାଙ୍କ ସହିତ ଦୌଡ଼ ନାହିଁ ଯେ ସେମାନେ ସଂସାରରେ ଯୋଜନାବଦ୍ଧ ରୂପେ ବହୁତ ଉନ୍ନତି କରିଯାଇଛନ୍ତି, ତେଣୁ ଆସ ଆମେ ମଧ୍ୟ ତାଙ୍କ ପାଦରେ ପାଦ ମିଶାଇ ଚାଲିବା । ଶୁଣ ଏବଂ ବୁଝ ଯେ ସେମାନେ ସେହି ଖୁଦାଙ୍କ ଠାରୁ ବହୁତ ଅପରିଚିତ ଓ ଅସାବଧାନ ଅଟନ୍ତି । ଯିଏ ତୁମକୁ ନିଜ ଆଡ଼କୁ ଡ଼ାକୁଛି ସେମାନଙ୍କର ଖୁଦା କି ଜିନିଷ ? କେବଳ ଏକ ନିମିତ ମନୁଷ୍ୟ ଅଟେ । ସେଥିଯୋଗୁଁ ସେମାନଙ୍କୁ ଅଚେତ ଅବସ୍ଥାରେ ଛାଡ଼ି ଦିଆଯାଇଛି । ମୁଁ ତୁମକୁ ଦୁନିଆ କମେଇବା ପାଇଁ ଏବଂ କୌଣସି ବୃତି ଆପଣେଇବା ପାଇଁ ମନା କରୁନାହିଁ । କିନ୍ତୁ ତୁମେ ସେ ଲୋକମାନଙ୍କର ଅନୁସରଣ କରନାହିଁ ଯେଉଁମାନେ ଏ ସଂସାରକୁ ସବୁକିଛି ବୋଲି ଭାବି ନେଇଛନ୍ତି । ତୁମର ପ୍ରତ୍ୟେକ କାର୍ଯ୍ୟ ସାଂସାରିକ ହେଉ ବା ଧାର୍ମିକ ହେଉ ସେଥିପାଇଁ ଅଲ୍ଲାଃଙ୍କଠାରୁ ଶକ୍ତି ଏବଂ ସାମର୍ଥ୍ୟ ମାଗିବାର ସିଲ୍‌ସିଲା ଲାଗି ରହିବା ଉଚିତ୍ । କିନ୍ତୁ ତାହା କେବଳ ଶୁଖିଲା ଓଠ ଦ୍ୱାରା ନୁହେଁ ବରଂ ତୁମର ପ୍ରକୃତରେ ଏହି ବିଶ୍ୱାସ ରହିବା ଉଚିତ୍ ଯେ ପ୍ରତ୍ୟେକ ବର୍‌କତ୍ ଆକାଶରୁ ହିଁ ଅବତୀର୍ଣ୍ଣ ହୋଇଥାଏ । ତୁମେ ସତ୍ୟବାଦୀ ସେତେବେଳେ ହେବ ଯେତେବେଳେ ତୁମେ ଏପରି ହୋଇଯିବ ଯେ ତୁମେ

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା ।ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା-୧ ର ଅବଶିଷ୍ଟାଂଶ......*

ପ୍ରତ୍ୟେକ କାର୍ଯ୍ୟ ସମୟରେ, ପ୍ରତ୍ୟେକ କଠିନ ପରିସ୍ଥିତିରେ କୌଣସି ଉପାୟ ଚିନ୍ତା କରିବା ପୂର୍ବରୁ ନିଜ (ବୁଦ୍ଧିର) ଦ୍ୱାରକୁ ବନ୍ଦ୍ କରିଦିଅ ଓ ଖୁଦାଙ୍କ ଦରବାରରେ ପଡ଼ିଯାଇ କୁହ ଯେ ଆମେ ଏପରି କଷ୍ଟର ସମ୍ମୁଖୀନ ହୋଇଅଛୁ । (ହେ ଅଲ୍ଲାଃ !) ତୁମେ ଆମକୁ ନିଜ କୃପା ଦ୍ୱାରା ଏ କଷ୍ଟରୁ ଉଦ୍ଧାର କର । ତେବେ ଯାଇ ରୁହୁଲ୍ କୁଦୁସ୍ ତୁମର ସାହାଯ୍ୟ କରିବେ, ଏବଂ ଶୂନ୍ୟରୁ ତୁମ ପାଇଁ କୌଣସି (ସମାଧାନର ରାସ୍ତା) ରାସ୍ତା ଖୋଲିଦିଆଯିବ । ନିଜ ଜୀବନ ଉପରେ ଦୟା କର ଓ ଯେଉଁଲୋକମାନେ ଖୁଦାଙ୍କ ଠାରୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ଯାଇଛନ୍ତି ଏବଂ ପୁରାପୁରି ଆସବାବ (ଉପକରଣ) ଉପରେ ପଡ଼ିରହିଛନ୍ତି, ଏପରିକି ଶକ୍ତି ମାଗିବା ପାଇଁ ମୁହଁରୁ ଇନ୍‌ଶାଅଲ୍ଲାଃ ମଧ ବାହାର କରୁନାହାଁନ୍ତି । ତାଙ୍କର ଅନୁସରଣ କରନାହିଁ । ଖୁଦା ତୁମ ଆଖି ଖୋଲିଦେଉ ଫଳତଃ ତୁମେ ଜାଣିପାରିବ ଯେ ତୁମର ଖୁଦା ତୁମର ସମସ୍ତ ଉପାୟର ମୂଳଖୁଂଟ ଅଟନ୍ତି । ଯଦି ଏ ଖୁଂଟ ପଡ଼ିଯାଏ ତେବେ ଶେଣୀ ଗୁଡିକ କଣ ଛାତରେ ରହିପାରିବେ ? ନୁହେଁ ! ବରଂ ସବୁତକ ପଡ଼ିଯିବେ । ଏବଂ ସମ୍ଭାବନା ମଧ ଅଛି ଯେ ତାଦ୍ୱାରା ବହୁତ ଲୋକ ଲହୁଲୁହାଣ ହୋଇଯିବେ । ସେହିପରି ତୁମର ଉପାୟ ଗୁଡିକୁ ଖୁଦାଙ୍କ ସାହାଯ୍ୟ ବିନା ତିଷ୍ଠି ପାରିବ ନାହିଁ । ଯଦି ତୁମେ ଖୁଦାଙ୍କ ଠାରୁ ସାହାଯ୍ୟ ନ ମାଗିବ ଏବଂ ତା ଠାରୁ ଶକ୍ତି ମାଗିବାକୁ ନିଜର ନିୟମ ନ ବନାଇବ ତେବେ ତୁମେ କୌଣସି ପ୍ରକାରର ସଫଳତା ହାସଲ କରିପାରିବ ନାହିଁ । ଶେଷରେ ବହୁତ ସନ୍ତାପ କରି ମରିବ ।

(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୨୧-୨୩)

*ଇଶ୍ୱର କୌଣସି କାର୍ଯ୍ୟରେ ବିବଶ ହୁଏନାହିଁ । ହଁ ଇଶ୍ୱରଙ୍କ ପୁସ୍ତକରେ ଦୁଆ ସମ୍ବନ୍ଧରେ ଏ ନିୟମ ଉପସ୍ଥାପନ କରାଯାଇଛି କି ସେ ଅତ୍ୟନ୍ତ ଦୟାପରବଶ ହୋଇ ପୁଣ୍ୟବାନ୍ ବ୍ୟକ୍ତିଙ୍କ ସହିତ ବନ୍ଧୁଙ୍କ ପରି ବ୍ୟବହାର କରିଥାଏ ଅର୍ଥାତ୍ କେବେ ସେ ନିଜ ଇଛାକୁ ଛାଡ଼ି ତାର ପ୍ରାର୍ଥନାକୁ ଶୁଣିଥାଏ । ଯେପରିକି ଇଶ୍ୱର କହୁଛନ୍ତି *ଉଦ୍‌ଉନି ଅସ୍‌ତଜିବ୍ ଲକୁମ୍* ଏବଂ ବେଳେବେଳେ ନିଜର ଇଛା ମୁତାବକ କରିବା ପାଇଁ ଚାହିଁଥାଏ ଯେପରି ସେ କହୁଛନ୍ତି *ୱଲ ନବ୍‌ଲୁ ୱନ୍ନକୁମ୍ ବିଶୈଇମ୍ ମିନଲ୍ ଖୌଫି ୱଲ୍ ଜୁଇ* ଏହା ଏଇଥିପାଇଁ କରିଛି କି ଯଦ୍ୱାରା କେବେ ମନୁଷ୍ୟର ପ୍ରାର୍ଥନା ମୁତାବକ ତା ସହିତ ସେ ବ୍ୟବହାର କରି ବିଶ୍ୱାସ ଓ ଦିବ୍ୟଜ୍ଞାନରେ ତାକୁ ଉନ୍ନତି ପ୍ରଦାନ କରିବ ଏବଂ ବେଳେବେଳେ ନିଜ ଇଛାନୁସାରେ ନିଜ ପ୍ରସନ୍ନତାର ବସ୍ତ୍ର ତାକୁ ପ୍ରଦାନ କରିବ ଓ ତାର ପଦମର୍ଯ୍ୟାଦାକୁ ବଢ଼ାଇବ ଏବଂ ତାକୁ ପ୍ରେମ କରି ସତ୍‌ପଥର ମାର୍ଗରେ ତାକୁ ଉନ୍ନତି ପ୍ରଦାନ କରିବ ।

## ପୁଣ୍ୟକାର୍ଯ୍ୟ ଓ ପୁଣ୍ୟକଥା ଗୁଡିକୁ ରମଜାନ୍ ପରେ ମଧ ଜାରି ରଖନ୍ତୁ । ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅଃବଃଅଙ୍କ ବାଣୀ

''ନମାଜ କୟାମ୍ (ପାଠ କରିବା) ଏବଂ ପବିତ୍ର କୋରାନ୍‌ର ତିଲାୱତ୍ (ପାଠ କରିବା) ଉପରେ ବହୁତ ଜୋର୍ ଦିଅନ୍ତୁ । ମୁଁ ମୋର ପ୍ରତ୍ୟେକ ଖୁତ୍‌ବାରେ ଏଥିପ୍ରତି କିଛି ନା କିଛି ଧ୍ୟାନ ଆକର୍ଷଣ କରାଉଛି'' ।

''ସୁତରାଂ ନମାଜ ପଢ଼ିବା ପାଇଁ ଅଭ୍ୟାସ ପକାନ୍ତୁ, ନିୟମିତ ପବିତ୍ର କୋରାନ୍‌ର ତିଲାୱତ୍ କରନ୍ତୁ ଓ ଅନୁବାଦ ମଧ ପଢ଼ନ୍ତୁ । ଯେପର୍ଯ୍ୟନ୍ତ ଅନୁବାଦ ଆସିବ ନାହିଁ ସେପର୍ଯ୍ୟନ୍ତ ଆପଣମାନଙ୍କୁ ପବିତ୍ର କୋରାନ୍‌ର ଅର୍ଥ ଓ ନିର୍ଦ୍ଦେଶାବଳୀ ଗୁଡିକ ବିଷୟରେ କିଛି ଜଣାପଡ଼ିବ ନାହିଁ''

(ସାପ୍ତାହିକ ବଦର୍ କାଦିଆନ, ୨ ଜୁନ୍ ୨୦୧୬)

ଏଡ଼ିଶିନାଲ୍ ନାଜେର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ତାଲିମୁଲ୍ କୁରୁଆନ୍ ୱ ୱକ୍‌ଫେ ଆର୍‌ଜି କାଦିଆନ୍

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**

**୧୮୦୦ ୩୦୧୦ ୨୧୩୧**

(ଶ୍ରୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

## D.T.P ସେଂଟର୍ ନଜାରତ୍ ନଶରୋ ଇଶାଅତ୍ କାଦିଆନ୍‌ରେ କମ୍ପ୍ୟୁଟର୍ ଅପରେଟର୍‌ର ଆବଶ୍ୟକତା ଅଛି ।

**(ନୋଟ୍:- ଏହି ଘୋଷଣା କେବଳ ଲଜ୍‌ନା ସଦସ୍ୟମାନଙ୍କ ନିମନ୍ତେ)**

ନଜାରତ୍ ନଶରୋ ଇଶାଅତ୍ ସଦର ଅଞ୍ଜୁମାନ୍ ଅହେମଦୀୟାର D.T.P ସେଂଟର୍‌ରେ ଲେଡିଜ୍ କମ୍ପ୍ୟୁଟର ଅପରେଟର୍ ବିଲ୍‌ମୁକ୍‌ତା ସ୍ଥାନ ଖାଲିଅଛି, ଯାହା ନିମ୍ନଲିଖିତ ନିୟମ ମୁତାବକ ପୂରଣ କରାଯିବ । ଲଜନା ମାନଙ୍କ ମଧରୁ ଅଭିଳାଷୀ ପ୍ରାର୍ଥିନୀ ନିଜର ଦରଖାସ୍ତ ନିଜର ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ୍‌ର ନକଲ ଆଟେଷ୍ଟେଡ୍ ସହିତ ଆବେଦନ ଫର୍ମ ନଜାରତ୍ ଦିୱାନଙ୍କ ଠାରୁ ହାସଲ କରି ତାକୁ ସମ୍ପୂର୍ଣ୍ଣ କରିବା ପରେ ଅମୀର୍ ଜମାତ୍ / ସଦର୍ ଜମାତ୍ / ସଦର୍ ଲଜନା ଙ୍କ ଦ୍ୱାରା ତସ୍‌ଦିକ୍ (ପୁଷ୍ଟି) କରି ଦୁଇମାସ ଭିତରେ ପଠାନ୍ତୁ । ଜଜାକମୁଲ୍ଲାଃ ।

**ସର୍ତାବଳୀ:-**(୧)ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅତି କମ୍‌ରେ +୨ (ସେକେଣ୍ଡ୍ ଡିଭିଜନ୍) ହୋଇଥିବ । ହିନ୍ଦି, ଉର୍ଦ୍ଦୁ ଲେଖିବା ପଢ଼ିବା ଜାଣିଥିବେ (୨)କମ୍ପ୍ୟୁଟର୍ ସାଇନ୍‌ସରେ ଡିପ୍ଲୋମା କରିଥିବେ (୩)In-Design, MS-word, In-Page ବିଷୟରେ Basic Knowledge ଥିବ (୪)ହିନ୍ଦି ଓ ଉର୍ଦ୍ଦୁ ଟାଇପିଂ ରେ ଦକ୍ଷତା ଥିବ ଓ ଅତି କମ୍‌ରେ ଗୋଟିଏ ବର୍ଷର ଅଭିଜ୍ଞତା ଥିବ (୫)Key-Board ନଦେଖି କମ୍ପୋଜ୍ କରିପାରୁଥିବେ । ଘଂଟାକୁ ଅତି କମ୍‌ରେ ୩୦୦ ଶବ୍ଦ ଟାଇପ୍ କରିପାରୁଥିବେ (୬)ହିନ୍ଦି ଟାଇପିଂ In-Design Software ର Chanakya Unicode font ରେ କରିବା ଜାଣିଥିବେ ଓ ସେହିପରି ଉର୍ଦ୍ଦୁ ଟାଇପିଂ In-Page Software ରେ କରିବା ଜାଣିଥିବେ (୭)ୱାକିଫେ ଜିନ୍ଦେଗି ଏବଂ ୱକ୍‌ଫେ ନୌ ତହ୍‌ରିକ୍‌ରେ ସାମିଲ୍ ହୋଇଥିବା ମେମ୍ବର୍ ନିଜର ହୱାଲା ମଞ୍ଜୁରୀ ୱକ୍‌ଫ ଏ ନୌ ଦରଖାସ୍ତରେ ଦରଜ କରନ୍ତୁ (୮)ଦରଖାସ୍ତରେ ନିଜର ବାପା / ସ୍ୱାମୀ / ଅଭିଭାବକ ଙ୍କ ତସ୍‌ଦିକ୍ ଦସ୍ତଖତ ମଧ କରାଇବେ (୯)ପ୍ରାର୍ଥିନୀଙ୍କୁ ଇଂଟର୍‌ଭିଉର ତାରିଖ ପରେ ଜଣାଇ ଦିଆଯିବ ତତ୍ ସହିତ ଇଂଟର୍‌ଭିଉ ପାଇଁ କାଦିଆନ୍ ଆସିବାର ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ (୧୦)କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

**(ନାଜର୍ ଦିୱାନ ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍)**

## ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭିଂ ସେବା କରିବାକୁ ଚାହୁଁଥିବା ଲୋକେ ଧ୍ୟାନ ଦିଅନ୍ତୁ ।

ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର୍ ପୋଷ୍ଟ ଖାଲି ଅଛି । ଯେଉଁ ବନ୍ଧୁ ଡ୍ରାଇଭର୍ ରୂପେ ସେବା କରିବାକୁ ଇଛୁକ ସେ ନିଜର ଦରଖାସ୍ତ ଦୁଇମାସ ଭିତରେ ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟାଙ୍କ ନିକଟକୁ ପଠାଇପାରିବେ ।

ସର୍ତାବଳୀ:- (୧)ପ୍ରାର୍ଥୀଙ୍କ ନିକଟରେ ଡାଇଭିଂ ଲାଇସେନ୍‌ସ୍ ଓ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ ଅଟେ (୨)ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର ସର୍ତ ନାହିଁ (୩)ପ୍ରାର୍ଥୀଙ୍କୁ ଜନ୍ମଗତ ପ୍ରମାଣପତ୍ର ଦେବା ଜରୁରୀ (୪)ସେହି ଡ୍ରାଇଭର୍ ମାନଙ୍କୁ ଖିଦ୍‌ମତ୍ (ସେବା) ନିମନ୍ତେ ଚୟନ କରାଯିବ, ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ୍ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ଫିଟ୍ ହେବେ (୫)ସେହି ପ୍ରାର୍ଥୀମାନେ ସେବା କରିବାର ସୁଯୋଗ ପାଇବେ, ଯେଉଁମାନେ ଇଂଟର୍‌ଭ୍ୟୁ ବୋର୍ଡ କର୍ମୀ ଚୟନ ପ୍ରକ୍ରିୟାରେ ସଫଳ ହେବେ (୬)ଚୟନ କରାଯାଇଥିବା ଡ୍ରାଇଭର୍‌ମାନଙ୍କୁ ଦର୍ଜା ଦୋମ୍ (ସେକେଣ୍ଡ୍ କ୍ଲାସ୍)ର ବରାବର୍ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯିବ (୭)ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୮)ଯଦି ପ୍ରାର୍ଥୀ ଚୟନ ହୁଅନ୍ତି ତେବେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ନୋଟ୍):- ଏ ସମ୍ବନ୍ଧୀୟ ଦରଖାସ୍ତ ଫର୍ମ୍ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଙ୍କ ଠାରୁ ହାସଲ କରିନିଅନ୍ତୁ, ଦରଖାସ୍ତ ଫର୍ମ ପୂରଣ ହୋଇ ଆସିବା ପରେ ତା ମୁତାବକ କାରବାଇ କରାଯିବ) (ନାଜର୍ ଦିୱାନ୍ କାଦିଆନ୍)

ଅଧିକ ଜାଣିବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା, କାଦିଆନ୍

ମୋ:- ୦୯୮୧୫୪୩୩୭୬୦, ଅଫିସ୍:- ୦୧୮୭୨-୫୦୧୧୩୦

ଇ-ମେଲ୍:- nazaratdiwanqdn@gmail.com

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଖୁତ୍‌ବା ଜୁମା

ହଜରତ ମହମ୍ମଦ ସ.ଆ ଜୁମାର ଗୁରୁତ୍ୱ ସମ୍ବନ୍ଧରେ ଚର୍ଚ୍ଚା କରି ଏକଦା କହିଲେ ସେଦିନ ଏକ ଏପରି ଏକ ମୁହୂର୍ତ୍ତ ଆସିଥାଏ ଯେଉଁ ସମୟରେ ଜଣେ ମୁସଲମାନ ଛିଡ଼ା ହୋଇ ନମାଜ ପାଠକଲେ ସେ ଯେଉଁ ଦୁଆ ଭିକ୍ଷା କରିଥାଏ ତାହା ସ୍ୱୀକାର ହୋଇଯାଏ କିମ୍ୱା ଯେଉଁ ଶୁଭ କାମନା କରେ, ଅଲ୍ଲାହତାଲା ତାହା ପୂରଣ କରିଥାନ୍ତି । ଜୁମାର ଦିନ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ଅଟେ ଏବଂ ଅତ୍ୟାବଶ୍ୟକ ନହେଲେ ପ୍ରତ୍ୟେକ ଯୁବକ, ବୁଦ୍ଧିସମ୍ପର୍ଣ୍ଣ ବ୍ୟକ୍ତି ନିମନ୍ତେ ତାହା ପାଠ କରିବା ଅନିବାର୍ଯ୍ୟ । ନମାଜରେ ପ୍ରତ୍ୟେକ ନିଜ ନିଜ ଚିନ୍ତାଧାରା ଓ ଆବଶ୍ୟକ ମୁତାବକ ଦୁଆ କରିଥାନ୍ତି ଏବଂ କେତେକ ଏପରି ଥାନ୍ତି ଯେ ନମାଜ ପାଠ କରିଥାନ୍ତି କିନ୍ତୁ ସେମାନଙ୍କ ହୃଦୟରେ (ବିଶେଷ) ଦୁଆ କରିବାର ଆଗ୍ରହ ପ୍ରକାଶ ପାଇନଥାଏ । କେବଳ ନମାଜରେ (ଆରବି) ପଂକ୍ତି ପାଠ କରିନେଇଥାନ୍ତି କିନ୍ତୁ ଦୁଆର ବିଶେଷତ୍ୱ ସମ୍ବନ୍ଧରେ କୌଣସି ଧାରଣା ନଥାଏ । ତେଣୁକରି ଆଜି ରମଜାନର ଏହି ଶେଷ ଜୁମାରେ ମୁଁ ଚିନ୍ତା କଲି କି କେତେକ ଦୁଆର ଚର୍ଚ୍ଚା କରିବି ଯଦ୍ୱାରା ଯେଉଁମାନଙ୍କର (ଦୁଆ) ପ୍ରତି ଧ୍ୟାନ ରହିଛି ସେମାନେ ଅବଗତ ହୁଅନ୍ତୁ ଯେ, ଦୁଆ କ'ଣ ଅଟେ ଏବଂ ସାମୂହିକ ଭାବରେ ଆମେ ଅଲ୍ଲାହଙ୍କ ନିକଟରେ ନିଜ ଆବଶ୍ୟକତା ଓ ଅସୁବିଧା ଉପସ୍ଥାପନ କରି ସମସ୍ତ ଦୁଆ ସ୍ୱୀକାର ହେବାର କାମନା କରିବା ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୫ ଜୁନ୍ ୨୦୧୮ ଅନୁଯାୟୀ ୧୫ ଏହସାନ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ,ତଉଜ ଓ ସୁରେ ଫାତିହାର ଆବୃତି ପରେ ହଜୁର ଅନଓର ଅ.ବ କହିଲେ–

ହଜରତ ମହମ୍ମଦ ସ.ଆ ଜୁମାର ଗୁରୁତ୍ୱ ସମ୍ବନ୍ଧରେ ଚର୍ଚ୍ଚା କରି ଏକଦା କହିଲେ ସେଦିନ ଏକ ଏପରି ଏକ ମୁହୂର୍ତ୍ତ ଆସିଥାଏ ଯେଉଁ ସମୟରେ ଜଣେ ମୁସଲମାନ ଛିଡ଼ା ହୋଇ ନମାଜ ପାଠକଲେ ସେ ଯେଉଁ ଦୁଆ ଭିକ୍ଷା କରିଥାଏ ତାହା ସ୍ୱୀକାର ହୋଇଯାଏ କିମ୍ୱା ଯେଉଁ ଶୁଭ କାମନା କରେ, ଅଲ୍ଲାହତାଲା ତାହା ପୂରଣ କରିଥାନ୍ତି । (ସହି ବୁଖାରୀ କିତାବୁଲ୍ ଜୁମା, ବାବ୍ ସାଅତଲ୍ ଲତି ଫି ୟଉମିଲ୍ ଜୁମା, ହଦିସ୍ ନଂ-୯୩୫)

ତାହାର ବ୍ୟାଖ୍ୟା କରି ଅନେକ ଲୋକ କହିଥାନ୍ତି ଜୁମାର ଖୁତବା ମଧ୍ୟ ନମାଜର ଅଂଶବିଶେଷ ତେଣୁକରି ତାହା ମଧ୍ୟ ସେହି (ବିଶେଷ) ସମୟର ଅନ୍ତର୍ଭୁକ୍ତ । ତେବେ ସେ ଯାହା ହେଉ ଜୁମାର ଦିନ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ଅଟେ ଏବଂ ଅତ୍ୟାବଶ୍ୟକ ନହେଲେ ପ୍ରତ୍ୟେକ ଯୁବକ, ବୁଦ୍ଧିସମ୍ପର୍ଣ୍ଣ ବ୍ୟକ୍ତି ନିମନ୍ତେ ତାହା ପାଠ କରିବା ଅନିବାର୍ଯ୍ୟ । (ସୁନନେ ଅବୁ ଦାଉଦ୍, କିତାବୁସ୍ ସଲାତ୍, ବାବ୍ ଜୁମାତୁଲ୍ ଲିଲ୍ ମମଲୁକ୍ ୱଲ୍ ମରାହ୍, ହଦିସ-୧୦୬୭) ନମାଜରେ ପ୍ରତ୍ୟେକ ନିଜ ନିଜ ଚିନ୍ତାଧାରା ଓ ଆବଶ୍ୟକ ମୁତାବକ ଦୁଆ କରିଥାନ୍ତି ଏବଂ କେତେକ ଏପରି ଥାନ୍ତି ଯେ ନମାଜ ପାଠ କରିଥାନ୍ତି କିନ୍ତୁ ସେମାନଙ୍କ ହୃଦୟରେ (ବିଶେଷ) ଦୁଆ କରିବାର ଆଗ୍ରହ ପ୍ରକାଶ ପାଇନଥାଏ । କେବଳ ନମାଜରେ (ଆରବି) ପଂକ୍ତି ପାଠ କରିନେଇଥାନ୍ତି କିନ୍ତୁ ଦୁଆର ବିଶେଷତ୍ୱ ସମ୍ବନ୍ଧରେ କୌଣସି ଧାରଣା ନଥାଏ । ତେଣୁକରି ଆଜି ରମଜାନର ଏହି ଶେଷ ଜୁମାରେ ମୁଁ ଚିନ୍ତା କଲି କି କେତେକ ଦୁଆର ଚର୍ଚ୍ଚା କରିବି ଯଦ୍ୱାରା ଯେଉଁମାନଙ୍କର (ଦୁଆ) ପ୍ରତି ଧ୍ୟାନ ରହିଛି ସେମାନେ ଅବଗତ ହୁଅନ୍ତୁ ଯେ, ଦୁଆ କ'ଣ ଅଟେ ଏବଂ ସାମୂହିକ ଭାବରେ ଆମେ ଅଲ୍ଲାହଙ୍କ ନିକଟରେ ନିଜ ଆବଶ୍ୟକତା ଓ ଅସୁବିଧା ଉପସ୍ଥାପନ କରି ସମସ୍ତ ଦୁଆ ସ୍ୱୀକାର ହେବାର କାମନା କରିବା । ସେହି ଦୁଆ ମଧ୍ୟରେ ମୁଁ ପବିତ୍ର କୋରାନର କେତେକ ଦୁଆ, ହଜରତ ମହମ୍ମଦ ସ.ଆ, ହଜରତ ମସିହ ମଉଦ ଆ.ସ ଓ କେତେକ ନିତିଦିନିଆ (ପାଠ କରୁଥିବା) ଦୁଆ ମଧ୍ୟ ଏକତ୍ର କରିଛି । କୋରାନର କେତେକ ଦୁଆ ଯାହାକି ହଜୁର ସ.ଆ ପାଠ କରୁଥିଲେ ତାହା ମୁଁ ପାଠ କରୁଅଛି ଯେଉଁମାନଙ୍କୁ ତାହା ମନେଅଛି ସେମାନେ ଏହାର ନିଜ ହୃଦୟରେ ପୁନରାବୃର୍ତ୍ତୀ କରନ୍ତୁ ଅବା ଯେଉଁମାନେ ମନେମନେ ପୁନରାବୃର୍ତ୍ତୀ କରିପାରିବେ ସେମାନେ ନିଃସନ୍ଦେହ ଆବୃତି କରିବା ସହିତ ପ୍ରତ୍ୟେକ ଦୁଆ ପରେ (ମନରେ) ଆମିନ୍ ମଧ୍ୟ କହିବେ । ଅଲ୍ଲାହତାଲା ଆମ ଦୁଆ ସ୍ୱୀକାର କରନ୍ତୁ- **ସୁବହାନଲ୍ଲାହି ୱ ବିହମ୍‌ଦିହି ସୁବହାନଲ୍ଲାହିଲ୍ ଅଜିମ୍ ଅଲ୍ଲାହୁମ୍ମା ସ୍ୱଲ୍ଲେଆଲା ମୁହମ୍ମଦିଉଁ ୱ ଆଲେ ମୁହମ୍ମଦ୍ ।**

ପବିତ୍ର କୋରାନର ଦୁଆ ଏପରି ଅଟେ ।

**ରବ୍ବନା ଆତିନା ଫିଦ୍‌ଦୁନ୍‌ୟା ହସନତୌଉଁ ୱଫିଲ୍ ଆଖିରତି ହସନତୌଉଁ ୱକିନା ଅଜାବନ୍ ନାର୍** (ବକ୍‌ରା:୨୦୨) ଅର୍ଥାତ ହେ ଆମର ପାଳନକର୍ତ୍ତା ! ଆମକୁ ଏହି ଇହକାଳରେ ମଧ୍ୟ ସୁଖ ସମୃଦ୍ଧି ପ୍ରଦାନ କର ଏବଂ ପରକାଳରେ ମଧ୍ୟ ସୁଖ ସମୃଦ୍ଧି ପ୍ରଦାନ କର ଏବଂ ଆମକୁ ଅଗ୍ନିର ପ୍ରକୋପରୁ ରକ୍ଷା କର ।

**ରବ୍ବନା ଅଫରିଗ୍ ଆଲୈନା ସବ୍‌ରୌଁ ୱ ତୱଫ୍‌ଫନା ମୁସଲିମିନ୍** (ଆରାଫ୍ : ୧୨୭) ଅର୍ଥାତ୍ ହେ ଆମର ପାଳନକର୍ତ୍ତା ! ଆମକୁ ଧୈର୍ଯ୍ୟ ରକ୍ଷା କରିବାକୁ ଶକ୍ତି ପ୍ରଦାନ କର ଏବଂ ଆମକୁ ମୁସଲମାନ (ରହିଥିବା) ଅବସ୍ଥାରେ ମୃତ୍ୟୁ ଦିଅ ।

**ଅଲ୍ଲାହୁମ୍ମା ରବ୍ବନା ଅନ୍‌ଯିଲ୍ ଆଲୈନା ମାଇଦତମ୍ ମିନସ୍ ସମାଇ ତକୁନୁ ଲନା ଇଦାଲ୍ ଲିଅୱଲିନା ୱ ଆଖିରିନା ୱ ଆୟାତମ୍ ମିନ୍‌କା ୱରଯୁକ୍‌ନା ୱ ଅନ୍‌ତା ଖୈରୁର ରାଜିକିନ୍** (ମାଏଦା : ୧୧୫) ଅର୍ଥାତ ହେ ଆମର ପାଳନକର୍ତ୍ତା ! ଆମ ଉପରେ ଆକାଶ ମାର୍ଗରୁ (ନିରନ୍ତର) ପୁରସ୍କାର ପ୍ରଦାନ କର ଯାହାକି ଆମ ପୂର୍ବଜ ଓ ଆମ ଆସନ୍ତା ପିଢ଼ୀ ନିମନ୍ତେ ଇଦ୍ ହୋଇଯିବ ଏବଂ ତୁମ ନିକଟରୁ ଏକ ଶ୍ରେଷ୍ଠ ପ୍ରଦତ୍ତ ସାବ୍ୟସ୍ତ ହେବ ଏବଂ ତୁମେ ଧନସମ୍ପତ୍ତି (ରିଜକ୍) ପ୍ରଦାନକାରୀଙ୍କ ମଧ୍ୟରେ ସର୍ବୋତ୍ତମ ଅଟେ ।

**ରବ୍ବନା ଇନ୍ନନା ସମେନା ମୁନାଦି ୟଇଁ ୟୁନାଦି ଲିଲ୍ ଇମାନି ଅନ୍ ଆମିନୁ ବିରବ୍ବିକୁମ୍ ଫଆମନ୍ନା ରବ୍ବନା ଫଗ୍‌ଫିର୍‌ଲନା ଜୁନୁବନା ୱ କଫ୍‌ଫିର୍ ଅନ୍ନା ସୈୟିଆତିନା ୱତୱଫ୍‌ଫନା ମାଅଲ୍ ଅବରାର୍ ।** (ଆଲେ ଇମ୍‌ରାନ୍ : ୧୯୪) ଅର୍ଥାତ୍ ହେ ଆମର ପାଳନକର୍ତ୍ତା ! ନିଶ୍ଚିତ ଭାବରେ ଆମେ ଜଣେ ଆହ୍ୱାନକାରୀଙ୍କ ସ୍ୱର ଶୁଣିଲୁ ଯେ ବିଶ୍ୱାସ ଆଣିବାର ଡ଼ାକରା ଦେଉଥିଲେ ଅତଃ ଆମେ ବିଶ୍ୱାସ କରିଅଛୁ । ତେଣୁ ହେ ଆମ ପାଳନକର୍ତ୍ତା ! ଆମ ଦୋଷ କ୍ଷମା କର ଓ ଆମମାନଙ୍କଠାରୁ ଆମ କୁକାର୍ଯ୍ୟଗୁଡ଼ିକୁ ଦୂର କର ଏବଂ ଆମକୁ ପୁଣ୍ୟବନ୍ତଙ୍କ ସହିତ ମୃତ୍ୟୁ ଦିଅ ।

**ରବ୍‌ବନା ଆମନ୍ନା ବିମା ଅନ୍‌ଜଲ୍‌ତା ୱତ୍ ତବଅନର୍ ରସୁଲା ଫକ୍‌ତୁବ୍‌ନା ମାଅଶ୍ ଶାହିଦୀନ୍ ।** (ଆଲେ ଇମ୍‌ରାନ୍ : ୫୪) ଅର୍ଥାତ୍ ହେ ଆମର ପାଳନକର୍ତ୍ତା ! ଯାହା ତୁମେ ଅବତୀର୍ଣ୍ଣ କରିଅଛ ଆମେ ସେଥିରେ ବିଶ୍ୱାସ ଆଣିନେଲୁ ଓ ଆମେ ରସୁଲଙ୍କ ଆନୁଗତ୍ୟ ସ୍ୱୀକାର କଲୁ ଅତଃ ଆମକୁ ସତ୍‌ବଚନ ସାକ୍ଷୀ ଦେଉଥିବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିନିଅ ।

**ରବ୍‌ବନା ଲା ତୁଜିଗ୍ କୁଲୁବନା ବାଦା ଇଜ୍ ହଦୈତନା ୱ ହବ୍‌ଲନା ମିଲ୍‌ଲଦୁନକା ରହ୍‌ମତନ୍ ଇନ୍ନକା ଅନ୍‌ତଲ୍ ୱହାବ** (ଆଲେ ଇମ୍‌ରାନ୍ : ୯) ଅର୍ଥାତ୍ ହେ ଆମର ପାଳନକର୍ତ୍ତା ! ଆମକୁ ସତ୍‌ପଥ ପ୍ରଦର୍ଶନ କରିବା ଅନ୍ତେ (ଆମ) ହୃଦୟକୁ ବିମୁଖଗାମୀ କରିଦିଅ ନାହିଁ ଏବଂ ଆମକୁ ନିଜ ନିକଟରୁ କରୁଣା ପ୍ରଦାନ କର ତୁମେ ହିଁ ଅଶେଷ ପ୍ରଦାନକାରୀ ।

**ରବ୍‌ବେ ହବ୍‌ଲି ମିଲ୍‌ଲଦୁନକା ଜୁର୍‌ରିୟତନ୍ ତୟବତନ୍ ଇନ୍ନକା ସମିଉଦ୍ ଦୁଆଇ ।** (ଆଲେ ଇମ୍‌ରାନ୍ : ୩୯) ଅର୍ଥାତ୍ ହେ ଆମର ପଳନକର୍ତ୍ତା ! ମୋତେ ନିଜ ନିକଟରୁ ପବିତ୍ର ସନ୍ତାନ ପ୍ରଦାନ କର ନିଃସନ୍ଦେହ ତୁମେ ବହୁତ ଦୁଆ ସ୍ୱୀକାରକାରୀ ।

**ରବ୍‌ବନା ହବ୍‌ଲନା ମିନ୍ ଅୟୱାଜିନା ୱ ଯୁର୍‌ରିୟାତିନା କୁର୍‌ରତା ଆୟୁନିଉଁ ୱଜ୍‌ଅଲନା ଲିଲ୍ ମୁତ୍‌ତକିନା ଇମାମା** (ଅଲ୍ ଫୁର୍‌କାନ୍ : ୭୫) ଅର୍ଥାତ୍ ହେ ଆମର ପାଳନକର୍ତ୍ତା ! ଆମକୁ ନିଜ ଜୀବନ ସଙ୍ଗିନୀ ଓ ନିଜ ସନ୍ତାନମାନଙ୍କ ନିକଟରୁ ଆତ୍ମସନ୍ତୋଷ ପ୍ରଦାନ କର ଏବଂ ଆମକୁ ଧର୍ମନିଷ୍ଠମାନଙ୍କର ଇମାମ କରିଦିଅ ।

**ରବ୍‌ବେ ଅୱଯିଇନି ଅନ୍‌ଅଶ୍‌କୁରା ନିମତକଲ୍ ଲତି ଅନ୍‌ଅମତା ଅଲୈୟା ୱ ଅଲା ୱାଲିଦୟା ୱଅନ୍ ଆମଲା ସ୍ୱାଲିହନ୍ ତର୍‌ଜାହୁ ୱ ଅସ୍‌ଲିହ୍‌ଲି ଫିଜୁର୍‌ରିୟତି ଇନ୍ନି ତୁବତୁ ଇଲୈକା ୱ ଇନ୍ନି ମିନଲ୍ ମୁସଲିମିନ୍** (ଆହାକାଫ୍ : ୧୬) ଅର୍ଥାତ୍ ହେ ଆମର ଅଲ୍ଲାହ ! ମୋତେ ଶକ୍ତି ପ୍ରଦାନ କର କି ମୁଁ ତୁମର ଏହି ପୁରସ୍କାରର କୃତଜ୍ଞତା ଜ୍ଞାପନ କରିପାରିବି ଯାହାକି ତୁମେ ମୋ ଓ ମୋ ପିତାମାତାଙ୍କ ଉପରେ କରିଅଛ ଏବଂ (ମୁଁ) ଏପରି ପୁଣ୍ୟ କାର୍ଯ୍ୟ ସମ୍ପାଦନ କରେ ଯଦ୍ୱାରା ତୁମେ ପ୍ରଶନ୍ନିତ ହେବ ଏବଂ ମୋ ସନ୍ତାନମାନଙ୍କ ସୁଧାରର (ବ୍ୟବସ୍ଥା) କରିଦିଅ ନିଃସନ୍ଦେହ ମୁଁ ତୁମ ନିକଟକୁ ପତ୍ୟାବର୍ତ୍ତନ କରୁଅଛି ଏବଂ ମୁଁ ମାନ୍ୟକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ ।

**ରବ୍‌ବେ ହବ୍‌ଲି ମିନସ୍ ସ୍ୱାଲିହିନ୍** (ସାଫାତ୍ : ୧୦୧) ଅର୍ଥାତ୍ ହେ ଅଲ୍ଲାହ ! ମୋତେ ପୁନ୍ୟବନ୍ତମାନଙ୍କ ମଧ୍ୟରୁ ଉତରାଧିକାରୀ ପ୍ରଦାନ କର ।

**ରବ୍‌ବେ ଇନ୍ନି ଲିମା ଆନଜଲ୍‌ତା ଇଲୈୟା ମିନ୍ ଖୈରିନ୍ ଫକୀର୍** (କସସ୍ : ୨୫) ଅର୍ଥାତ ହେ ଆମର ଅଲ୍ଲାହ ! ସୁନିଶ୍ଚିତ ଭାବରେ ମୁଁ ସମସ୍ତ ଉତମ ବସ୍ତୁ ନିମନ୍ତେ ଯାହାକି ମୋତେ ପ୍ରଦାନ କର ତାହାର ମୁଁ ଆବଶ୍ୟକ ଲୋଡୁ ଅଛି ଏବଂ ତାହାର କାମନା କରୁଅଛି ।

**ରବ୍‌ବେ ଅୱଯିଇନି ଅନ୍‌ଅଶ୍‌କୁରା ନିମତକଲ୍ ଲତି ଅନ୍‌ଅମ୍‌ତା ଅଲୈୟା ୱ ଅଲା ୱାଲିଦୈୟା ୱଅନ୍ ଆମଲା ସାଲିହନ୍ ତର୍‌ଜାହୁ ୱ ଅଦ୍‌ଖିଲନି ବିରହ୍‌ମତିକା**

ଫିଇବାଦିକସ୍ ସ୍ୱାଲିହୀନ୍ (ନମଲ : ୨୦) ଅର୍ଥାତ ହେ ପ୍ରଭୁ ! ମୋତେ ଶକ୍ତି ପ୍ରଦାନ କର କି ମୁଁ ତୁମ ପୁରସ୍କାରର କୃତଜ୍ଞତା ଜ୍ଞାପନ କରିପାରିବି ଯାହାକି ତୁମେ ମୋ ଉପରେ କରିଅଛ ଏବଂ ମୋ ପିତାମାତାଙ୍କ ଉପରେ କରିଅଛ ଏବଂ (ମୁଁ) ଏପରି ପୁଣ୍ୟକର୍ମ ସମ୍ପାଦନ କରେ ଯାହାକି ତୁମକୁ ପସନ୍ଦ ଆସିବ । ତୁମେ ମୋତେ ନିଜ କରୁଣା ଦ୍ୱାରା ନିଜ ପୁଣ୍ୟବନ୍ତ ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିନିଅ ।

**ରବ୍ବି ଅଉଜୁବିକା ମିନ୍‌ହମ୍‌ଜାତିଶ୍ ଶୟାତିନ୍ ୱ ଅଉଜୁବିକା ରବ୍ବି ଅଇଁୟହଜୁରୁନ୍ (ଅଲମୁମିନୁନ୍ : ୯୮-୯୯)** ଅର୍ଥାତ୍ ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭେ ଦୁରାଚାରୀ (ଲୋକ) ମାନଙ୍କ ଦୁରାଚାରରୁ ତୁମ୍ଭର ଶରଣ ଭିକ୍ଷା କରୁଅଛୁ । ଏବଂ ହେ ଆମର ପାଳନକର୍ତ୍ତା ! କାଳେ ସେମାନେ ଆମ୍ଭ ନିକଟରେ ଉପସ୍ଥିତ ହୋଇଯିବେ ସେଥିପାଇଁ ଆମ୍ଭେ ତୁମର ଶରଣ ଭିକ୍ଷା କରୁଅଛୁ ।

**ରବ୍ବେ ଜିଦ୍‌ନି ଇଲ୍‌ମା** (ତ୍ୱାହା : ୧୧୫) ଅର୍ଥାତ୍ ହେ ଆମ ଅଲ୍ଲାଃ ! ମୋ ଜ୍ଞାନରେ ଅଭିବୃଦ୍ଧି ଘଟାଅ ।

**ରବ୍ବି ଇଶ୍‌ରହ୍‌ଲି ସଦ୍‌ରି ୱ ୟସ୍‌ସିର୍‌ଲି ଅମ୍‌ରି ୱହ୍‌ଲୁଲ୍ ଉକ୍‌ଦତମ୍ ମିଲ୍ ଲିସାନି ୟଫ୍‌କହୁ କୌଲି** (ତ୍ୱାହା : ୨୬-୨୯) ଅର୍ଥାତ୍ ହେ ଆମର ପାଳନକର୍ତ୍ତା ! ମୋ ହୃଦୟକୁ ପ୍ରଶସ୍ତ କରିଦିଅ ଏବଂ ଯେଉଁ କର୍ତ୍ତବ୍ୟ ଆମ୍ଭ ପାଇଁ ଉଦ୍ଦିଷ୍ଟ ତାହାର ସମ୍ପାଦନ ଆମ ପାଇଁ ସହଜ କରିଦିଅ ଏବଂ ମୋ ଜିଭରେ କୌଣସି ଗଣ୍ଠି ଥିଲେ ତାହାକୁ ଫିଟାଇ ଦିଅ । ଯଦ୍ୱାରା ସେମାନେ ମୋ କଥାକୁ ବୁଝିପାରିବେ ।

**ରବ୍ବନା ଆତିନା ମିଲ୍‌ଲଦୁନ୍‌କା ରହ୍‌ମତଉଁ ୱ ହୟିଲନା ମିନ୍ ଅମ୍‌ରିନା ରଶଦା** (କହଫ୍ : ୧୧) ଅର୍ଥାତ୍ ହେ ଅଲ୍ଲାଃ ! ଆମକୁ ନିଜ ନିକଟରୁ କରୁଣା ପ୍ରଦାନ କର ଏବଂ ଆମ ମାମଲାରେ ଆମକୁ ସତ୍‌ପଥ ପ୍ରଦର୍ଶନ କରାଅ ।

**ରବ୍ବି ଅଦ୍‌ଖିଲ୍‌ମି ମୁଦ୍‌ଖଲ ସିଦ୍‌କିଉଁ ୱ ଅଖ୍‌ରିଜିନି ମୁଖ୍‌ରଜ ସିଦ୍‌କିଉଁ ୱଜ୍‌ଅଲ୍ ଲି ମିଲ୍‌ଲଦୁନ୍‌କା ସୁଲ୍‌ତାନନ୍ ନସିରା (ବନି ଇସ୍‌ରାଇଲ:୮୧)** ଅର୍ଥାତ୍- ହେ ଆମର ପାଳନକର୍ତ୍ତା ! ଆମର (ମକା ସହର ମଧ୍ୟରେ ପୁନର୍ବାର) ପ୍ରବେଶକୁ ସତ୍‌ପ୍ରବେଶ କରାଓ ଓ ମକା ସହରରୁ) ପ୍ରସ୍ଥାନକୁ ସତ୍ ପ୍ରସ୍ଥାନ କରାଓ ଏବଂ ଆମପାଇଁ ତୁମ ନିକଟରୁ ଜଣେ ସାହାଯ୍ୟକାରୀ (ଓ) ସାକ୍ଷୀ ପ୍ରଦାନ କର ।

**ରବ୍ବିର୍ ହମ୍‌ହୁମା କମା ରବ୍ବାୟାନି ସଗିରା** (ବନି ଇସ୍‌ରାଇଲ୍ : ୨୫) ଅର୍ଥାତ୍ ହେ ଆମ ପ୍ରଭୁ ! ସେହି ଦୁଇ ଜଣ ଅର୍ଥାତ ମୋ ମାତାପିତାଙ୍କ ଉପରେ ଦୟା ଆଚରଣ କର ଯେପରି ସେମାନେ ଶୈଶବାବସ୍ଥାରେ ଆମର ପ୍ରଶିକ୍ଷଣ କଲେ ।

**ରବ୍ବି ହବ୍‌ଲି ହୁକ୍‌ମଉ ୱ ଅଲ୍‌ହିକ୍‌ନି ବିସ୍ ସ୍ୱାଲିହୀନ୍ ୱଜ୍‌ଅଲ୍ ଲି ଲିସାନା ସିଦ୍‌କିନ୍ ଫିଲ୍ ଆଖିରିନ୍ ୱଜ୍ ଅଲ୍‌ମି ମିଉ ୱରସତି ଜନ୍ନତିନ୍ ନଇମ୍ (ଶୋଓରାଆ : ୮୪-୮୬)** ଅର୍ଥାତ୍ ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭକୁ ସମୁଚିତ ଶିକ୍ଷା ପ୍ରଦାନ କର ଏବଂ (ଆମ୍ଭକୁ) ଧର୍ମନିଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କର । ଏବଂ ଆଗାମୀ ଲୋକମାନଙ୍କ ମଧ୍ୟରେ ଆମ୍ଭକୁ ଚିରସ୍ଥାୟୀ ଖ୍ୟାତି ପ୍ରଦାନ କର । ଏବଂ ଆମ୍ଭକୁ ଆଶୀର୍ବାଦ୍ ଭରା ବୈକୁଣ୍ଠର ଉତରାଧିକାରୀ ମାନଙ୍କ ମଧ୍ୟରେ (ଅନ୍ତର୍ଭୁକ୍ତ) କର ।

**ରବ୍ବି ଇନ୍ନି ଜଲମତୁ ନଫ୍‌ସି ଫାଗ୍‌ଫିର୍‌ଲି** (କସସ୍ : ୧୭) ଅର୍ଥାତ୍ ହେ ଆମର ଅଲ୍ଲାଃ ! ବାସ୍ତବରେ ଆମେ ନିଜ ଉପରେ ଅତ୍ୟାଚାର କରିଅଛୁ ଅତଃ ମୋତେ କ୍ଷମା କର ।

**ରବ୍ବନା ଅତ୍‌ମିମ୍ ଲନା ନୂରନା ୱଗ୍‌ଫିର୍‌ଲନା ଇନ୍ନକା ଅଲା କୁଲ୍ଲେ ଶୈଇନ୍ କଦିର୍** (ତହ୍‌ରିମ୍ : ୯) ଅର୍ଥାତ୍ ହେ ଆମର ଅଲ୍ଲାଃ ! ଆମ ପାଇଁ ଆମ ପ୍ରକାଶକୁ ସମ୍ପୂର୍ଣ୍ଣ କରିଦିଅ ଏବଂ ଆମକୁ କ୍ଷମା କର । ତୁମେ ହିଁ ସମସ୍ତ ବସ୍ତୁ ଉପରେ ଯାହା ତୁମେ ଇଚ୍ଛା କର ତାହା ବାସ୍ତବରେ ପରିଣତ କରିବାରେ ପୂର୍ଣ୍ଣ ସକ୍ଷମ ।

**ରବ୍ବନା ଆମନ୍ନା ଫଗ୍‌ଫିର୍‌ଲନା ୱର ହମ୍‌ନା ୱ ଅନ୍‌ତ ଖଏରୁର୍ ରାହିମୀନ୍** (ମୁମିନୁନ୍ : ୧୧୦) ଅର୍ଥାତ୍ ହେ ଆମମାନଙ୍କର ପାଳନକର୍ତ୍ତା ! ଆମେମାନେ ବିଶ୍ୱାସ କରିଅଛୁ ସୁତରାଂ ତୁମ୍ଭେ ଆମମାନଙ୍କୁ କ୍ଷମା କର ଓ ଆମ ମାନଙ୍କ ପ୍ରତି କରୁଣା କର ଏବଂ ତୁମ୍ଭେ ସମସ୍ତ କରୁଣାମୟଙ୍କ ମଧ୍ୟରେ ଶ୍ରେଷ୍ଠ ।

**ରବ୍ବନା ଜଲମ୍‌ନା ଅନ୍‌ଫୁସନା ୱ ଇଲ୍‌ଲମ୍ ତଗ୍‌ଫିର୍‌ଲନା ୱ ତରହମ୍‌ନା ଲ ନକୁନନ୍ନା ମିନଲ୍ ଖାସ୍‌ରିନ୍** (ଆରାଫ : ୨୪) ଅର୍ଥାତ୍ - ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭେ ନିଜର ନିଜ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମ୍ଭେ ଆମ୍ଭମାନଙ୍କୁ କ୍ଷମା ନ କରିବ ଓ ଆମ୍ଭମାନଙ୍କ ପ୍ରତି କରୁଣା ନ କରିବ ତେବେ ଆମ୍ଭେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ ।

**ରବ୍ବନା ଲା ତଜ୍‌ଅଲ୍‌ନା ମା ଅଲ୍ କଓମିଜ୍ ଜାଲିମୀନ୍** (ଆରାଫ୍ : ୪୮) ଅର୍ଥାତ୍ - ହେ ଆମମାନଙ୍କର ପାଳନକର୍ତ୍ତା ଆମମାନଙ୍କୁ ଅତ୍ୟାଚାରୀ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ କରନାହିଁ ।

**ରବ୍ବି ଲା ତଜର୍ନି ଫର୍‌ଦଉଁ ୱ ଅନ୍‌ତ ଖଏରୁଲ୍ ୱାରିସୀନ୍** (ଅମ୍ବିୟା : ୯୦) ଅର୍ଥାତ୍ - ହେ ଆମର ପାଳନକର୍ତ୍ତା ! ଆମକୁ ଏକାକୀ ଛାଡ଼ିଦିଅନାହିଁ ଏବଂ ତୁମ୍ଭ ହିଁ ଉତରାଧିକାରୀ ମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ।

**କୁର୍ ରବ୍ବି ଇମ୍ମା ତୁରିୟନ୍ନି ମା ୟୁ ଅଦୁନ୍ ରବ୍ବି ଫଲା ତଜ୍‌ଅଲ୍‌ନି ଫିଲ୍ କଓମିଜ୍ ଜାଲିମୀନ୍** (ମୁମିନୁନ୍ : ୯୪-୯୫) ଅର୍ଥାତ୍ - ତୁମ୍ଭେ କୁହ ହେ ଆମର ପାଳନକର୍ତ୍ତା ! ଯେଉଁ ବିଷୟରେ ସେମାନଙ୍କ ସହିତ ଅଙ୍ଗୀକାର କରାଯାଉଛି ଯଦି ତାହା ତୁମ୍ଭେ ଆମକୁ ଆମ ଜୀବଦ୍ଦଶାରେ ଦେଖାଇଦିଅ ତେବେ ହେ ଆମ୍ଭର ପାଳନକର୍ତ୍ତା ତୁମ୍ଭେ ଆମକୁ ଅତ୍ୟାଚାରୀ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ କରନାହିଁ ।

**ରବ୍ବନା ୱସିଇତା କୁଲ୍‌ଲ୍ ଶଇୟିନ୍ ରହ୍‌ମତଉଁ ୱ ଇଲ୍‌ମନ୍ ଫଗ୍‌ଫିର୍ ଲିଲ୍ ଲଜିନା ତାବୁ ୱ ତବଉ ସବିଲକା ୱକିହିମ୍ ଅଜାବଲ୍ ଜହିମ୍ । ରବ୍ବନା ୱ ଅଦ୍‌ଖିଲ୍‌ହୁମ୍ ଜନ୍ନାତି ଅଦ୍‌ନିଲ୍ ଲତିଇ ୱଅତ୍‌ତହୁମ୍ ୱମନ୍ ସ୍ୱଲହ ମିନ୍ ଆବାଇହିମ୍ ୱ ଅଜୱାଜିହିମ୍ ୱ ଜୁରିୟାତିହିମ୍ ଇନ୍ନକ ଅନ୍‌ତଲ୍ ଅଜିଜୁଲ୍ ହକିମ୍ ୱକିହିମୁସ୍ ସୈଏଆତି ୱମନ୍ ତକିସ୍ ସୈଏଆତି ୟୋମଇଜିନ୍ ଫକଦ୍ ରହିନ୍ ତହୁ ୱ ଜାଲିକା ହୁୱଲ୍ ଫଓଜୁଲ୍ ଅଜିମ୍** (ମୁମିନ୍ : ୮-୧୦) ଅର୍ଥାତ୍ - ହେ ଆମର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁକୁ ତୁମ୍ଭେ ନିଜ କରୁଣା ଓ ଜ୍ଞାନ ବଳରେ ପରିବେଷ୍ଟିତ କରିଅଛ । ସୁତରାଂ ଅନୁତାପକାରୀ ମାନଙ୍କୁ ଓ ତୁମ୍ଭର ପଥ ଅନୁସରଣକାରୀ ମାନଙ୍କୁ କ୍ଷମା କର ଓ ସେମାନଙ୍କୁ ନର୍କର ଶାସ୍ତିରୁ ରକ୍ଷା କର । ହେ ଆମମାନଙ୍କର ପାଳନକର୍ତ୍ତା ! ସେମାନଙ୍କୁ ଏବଂ ସେମାନଙ୍କ ପିତୃପିତାମହ ମାନଙ୍କୁ ଓ ସେମାନଙ୍କ ପତ୍ନୀମାନଙ୍କୁ ତଥା ସେମାନଙ୍କ ସନ୍ତାନ ସନ୍ତତି ମାନଙ୍କ ମଧ୍ୟରୁ ଯେଉଁମାନେ ପୁଣ୍ୟବାନ୍ ସେମାନଙ୍କୁ ମଧ୍ୟ ଚିରସ୍ଥାୟୀ ବୈକୁଣ୍ଠରେ ପ୍ରବେଶ କରାଅ, ଯାହା ସମ୍ବନ୍ଧରେ ତୁମ୍ଭେ ସେମାନଙ୍କୁ ପ୍ରତିଶ୍ରୁତି ଦେଇଅଛ ଏବଂ ତୁମ୍ଭେ ହିଁ ପରାକ୍ରମୀ (ଓ) ତତ୍ୱଜ୍ଞ । ଏବଂ ତୁମ୍ଭେ ସେମାନଙ୍କୁ ସବୁ ପ୍ରକାର ଦୁଃଖରୁ ମୁକ୍ତି ଦିଅ ଏବଂ ଯାହାକୁ ତୁମ୍ଭେ ସେହିଦିନ ଦୁଃଖରୁ ସୁରକ୍ଷିତ ରଖିବ ବାସ୍ତବରେ ତୁମ୍ଭେ ତାହା ପ୍ରତି ଦୟା କରିବ ଏବଂ ଏହା ବାସ୍ତବରେ ଏକ ମହାନ୍ ସଫଳତା ।

**ରବ୍ବନଗ୍ ଫିର୍‌ଲନା ୱଲି ଇଖ୍‌ୱାନିନଲ୍ ଲଜିନା ସବକୁନା ବିଲ୍‌ଇମାନି ୱଲା ତଜ୍‌ଅଲ୍ ଫିକୁଲୁବିନା ଗିଲ୍‌ଲଲ୍ ଲିଲ୍‌ଲଜିନା ଆମନୁ ରବ୍ବନା ଇନ୍ନକା ରଉଫୁର୍ ରହିମ୍** (ହଶର୍ : ୧୧) ଅର୍ଥାତ୍ - ହେ ଆମର ପାଳନକର୍ତ୍ତା ! ଆମମାନଙ୍କୁ ଏବଂ ଯେଉଁମାନେ ଆମମାନଙ୍କ ପୂର୍ବରୁ ବିଶ୍ୱାସ କରିଛନ୍ତି ସେମାନଙ୍କୁ କ୍ଷମା କର, ଏବଂ ଯେଉଁମାନେ ବିଶ୍ୱାସ କରିଛନ୍ତି ସେମାନଙ୍କ ପ୍ରତି ଆମମାନଙ୍କ ଅନ୍ତରରେ ବିଦ୍ୱେଶଭାବ ସୃଷ୍ଟି କରାଓନାହିଁ । ହେ ଆମମାନଙ୍କ ପାଳନକର୍ତ୍ତା ! ତୁମ୍ଭେ ହିଁ ଅତ୍ୟନ୍ତ ଦୟାଶୀଳ (ଓ) ସଦା କରୁଣାମୟ ।

**ରବ୍ବିଗ୍‌ଫିର୍‌ଲି ୱଲିୱାଲିଦୟା ୱଲିମନ୍ ଦଖଲା ବଇତି ମୁମିନଉଁ ୱଲିଲ୍ ମୁମିନିନା ୱଲ୍‌ମୁ ମିନାତି ୱଲା ତଜିଦିଜ୍ ଜାଲ୍‌ମୀନା ଇଲ୍ଲା ତବାରା** (ନୁହ୍ : ୨୯) ଅର୍ଥାତ୍ - ହେ ଆମ୍ଭର ପାଳନକର୍ତ୍ତା ! ଆମକୁ ଓ ଆମ ପିତାମାତାଙ୍କୁ ଏବଂ ଏପରି ପ୍ରତ୍ୟେକ ବ୍ୟକ୍ତି ଯେ କି ଆମ ଗୃହରେ ବିଶ୍ୱାସକାରୀ ହୋଇ ପ୍ରବେଶ କରେ ତାହାକୁ ଏବଂ ସମସ୍ତ ବିଶ୍ୱାସକାରୀ ପୁରୁଷ ମାନଙ୍କୁ ଓ ବିଶ୍ୱାସକାରିଣୀ ନାରୀମାନଙ୍କୁ ମଧ୍ୟ କ୍ଷମା ପ୍ରଦାନ କର, ଏବଂ ଏପରି ମଧ୍ୟ ହେଉ ଯେ ଅତ୍ୟାଚାରୀମାନେ କେବଳ ବିନାଶରେ ବୃଦ୍ଧି ଲାଭ କରନ୍ତୁ । (ଓ ସେମାନଙ୍କୁ ସଫଳତା ପ୍ରାପ୍ତ ନ ହେଉ)

**ରବ୍ବନା ୱ ଆତିନା ମା ୱଅତ୍‌ତନା ଅଲା ରୁସୁଲିକା ୱ ଲା ତୁଖ୍‌ଜିନା ୟୋମଲ୍ କିୟାମାଃ ଇନ୍ନକା ଲାଆ ତୁଖ୍‌ଲିଫୁଲ୍ ମିଆଦ୍** (ଆଲେ ଇମ୍‌ରାନ୍ : ୧୯୫) ଅର୍ଥାତ୍ - ଅର୍ଥାତ୍ ହେ ଆମମାନଙ୍କର ପାଳନକର୍ତ୍ତା ! ତୁମ୍ଭେ ତୁମ୍ଭର ରସୁଲ୍ ମାନଙ୍କ ମାଧ୍ୟମରେ ଆମମାନଙ୍କ ବିଷୟରେ ଯାହା ଅଙ୍ଗୀକାର କରିଅଛ ତାହା ଆମମାନଙ୍କୁ ପ୍ରଦାନ କର ଏବଂ କୟାମତ୍ ଦିନ ଆମମାନଙ୍କୁ ଅପମାନିତ କରନାହିଁ । ବାସ୍ତବିକ୍ ତୁମ୍ଭେ କଦାପି ନିଜର ଅଙ୍ଗୀକାର ଭଙ୍ଗ କରନାହିଁ ।

**ଅନ୍‌ତା ୱଲିୟୁନା ଫଗ୍‌ଫିର୍‌ଲନା ୱର୍‌ହମ୍‌ନା ୱ ଅନ୍‌ତା ଖଏରୁଲ୍ ଗାଫିରିନ୍** (ଆରାଫ : ୧୫୬) ଅର୍ଥାତ ତୁମ୍ଭେ ଆମମାନଙ୍କ ସଂରକ୍ଷକ ଓ ବନ୍ଧୁ । ସୁତରାଂ ଆମମାନଙ୍କୁ କ୍ଷମା କର, ଆମମାନଙ୍କ ପ୍ରତି କରୁଣା କର ଏବଂ ତୁମ୍ଭେ ହିଁ ସର୍ବୋତମ କ୍ଷମାକାରୀ ।

**ରବ୍ବନା ଇସ୍‌ରିଫ୍ ଅନ୍ନା ଅଜାବା ଜହନ୍ନମା ଇନ୍ନ ଅଜାବହା କାନା ଗରାମା** (ଫୁର୍‌କାନ୍ : ୬୬) ଅର୍ଥାତ୍ - ହେ ଆମମାନଙ୍କର ପାଳନକର୍ତ୍ତା ! ଆମମାନଙ୍କଠାରୁ ନର୍କର ଶାସ୍ତିକୁ ଦୂରେଇ ଦିଅ । ଏଠାକାର ଶାସ୍ତି ବାସ୍ତବିକ ଅତ୍ୟନ୍ତ ଯନ୍ତ୍ରଣାଦାୟକ ।

**ରବ୍ବନା ଇନ୍ନନା ଆମନ୍ନା ଫଗ୍‌ଫିର୍‌ଲନା ଜୁନୁବନା ୱକେନା ଅଜାବନ୍ ନାର୍** (ଆଲେ ଇମ୍‌ରାନ୍ : ୧୭) ଅର୍ଥାତ୍ - ହେ ଆମର ପାଳନକର୍ତ୍ତା ! ଆମେମାନେ ନିଶ୍ଚିତ ରୂପେ ବିଶ୍ୱାସ ସ୍ଥାପନ କରିଅଛୁ । ସୁତରାଂ ତୁମ୍ଭେ ଆମମାନଙ୍କର ଦୋଷ କ୍ଷମା କର ଓ ଆମମାନଙ୍କୁ ନର୍କର ଶାସ୍ତିରୁ ରକ୍ଷା କର ।

**ରବ୍ବିଜ୍ ଅଲ୍‌ନି ମୁକିମସ୍ ସଲାତି ୱମିନ୍ ଜୁର୍ ରିୟତି ରବ୍ବନା ୱତକବ୍‌ବଲ୍ ଦୁଆଇ ରବ୍ବ ନଗ୍‌ଫିର୍‌ଲି ୱଲି ୱାଲିଦୈୟା ୱଲିଲ୍ ମୁଉମିନିନା ୟୋମା ୟକୁମୁଲ୍ ହିସାବ୍** -(ଇବ୍ରାହିମ୍: ୪୧-୪୨) ଅର୍ଥାତ୍ ହେ ଆମର ଅଲ୍ଲାଃ ! ମୋତେ ଏବଂ ମୋ ସନ୍ତାନମାନଙ୍କୁ ନମାଜ ପାଠକାରୀ କରିଦିଅ ଏବଂ ହେ ଆମ ପ୍ରଭୁ ମୋ ଦୁଆଗୁଡ଼ିକୁ ସ୍ୱୀକାର କର । ମୋତେ କ୍ଷମା ଦିଅ ଏବଂ ମୋ ପିତାମାତା ତଥା ପୁଣ୍ୟବନ୍ତମାନଙ୍କୁ ମଧ୍ୟ (କ୍ଷମା ଦିଅ) ଯେଉଁ ଦିନ ହିସାବ ନିକାଶ ହେବ ।

**ରବ୍ବି ନଜ୍ଜିନି ୱ୍ ଅହ୍ଲି ମିମ୍ମା ୟାମଲୁନ୍** (ଶୋଅରା : ୧୭୦) ଅର୍ଥାତ୍- ହେ ଆମ୍ଭର ପାଳନକର୍ତା ଆମ୍ଭକୁ ଓ ଆମର ପରିବାର ବର୍ଗଙ୍କୁ ସେମାନଙ୍କ କାର୍ଯ୍ୟରୁ ରକ୍ଷା କର, ଯାହା ସେମାନେ କରୁଛନ୍ତି ।

**ରବ୍ବି ଇନ୍ନା କଉମି କଜ୍ଜବୁନି ଫଫ୍ତହ୍ ବଇନି ୱ୍ ବଇନହୁମ୍ ଫତ୍ହଉଁ ୱ୍ ନଜ୍ଜିନ୍ ୱ୍ମମ୍ ମଇୟ ମିନଲ୍ ମୁମିନୀନ୍** (ସୋରା: ୧୧୮-୧୧୯) ଅର୍ଥାତ୍- ହେ ଆମ୍ଭର ପାଳନକର୍ତା ଆମ ସମ୍ପ୍ରଦାୟ ଆମକୁ ମିଥ୍ୟାବାଦୀ ମନେ କରିଛନ୍ତି । ସୁତରାଂ ତୁମ୍ଭେ ଆମ ଓ ସେମାନଙ୍କ ମଧ୍ୟରେ ଚୁଡାନ୍ତ ନିଷ୍ପତି କର ଏବଂ ଆମକୁ ଓ ଅମାର ସହଚର ବିଶ୍ୱାସକାରୀମାନଙ୍କୁ (ଶତୃ କବଳରୁ) ରକ୍ଷା କର ।

**ରବ୍ବିନ୍ ସୁର୍ନି ଅଲଲ୍ କଓମିଲ୍ ମୁଫ୍ସିଦିନ୍** (ଅନ୍‌କବୁତ୍ : ୩୧) ଅର୍ଥାତ୍ - ହେ ଆମର ପାଳନକର୍ତା ! ଦୁରାଚାରୀ ସମ୍ପ୍ରଦୟଙ୍କ ବିରୁଦ୍ଧରେ ଆମର ସହାୟତା କର ।

**ଇନ୍ନି ମଗ୍‌ଲୁବୁନ୍ ଫନ୍‌ତସିର୍** (କମର୍ : ୧୧) ଅର୍ଥାତ୍ - ଆମ୍ଭେ ଶତୃମାନଙ୍କ ଦ୍ୱାରା ପରାଭୁତ ହୋଇଅଛୁ । ଅତଏବ୍ ତୁମ୍ଭେ ଏହାର ପ୍ରତିଶୋଧ ନିଅ ଓ ମୋତେ ସାହାଯ୍ୟ କର ।

**ରବ୍ବନା ଲାତୁଆଖିଜ୍‌ନା ଇନ୍ ନସିଇନା ଅଓ ଅଖ୍‌ତନା ରବ୍ବନା ୱ୍ଲା ତହ୍‌ମିଲ୍ ଆଲୈନା ଇସ୍‌ରନ୍ କମା ହମଲ୍‌ତୋହୁ ଅଲଲ୍‌ଲଜିନା ମିନ୍ କବ୍‌ଲିନା ରବ୍ବନା ୱ୍ଲା ତୁହମ୍‌ମିଲ୍‌ନା ମାଲା ତ୍ୱାକତଲନା ବିହି ୱ୍ଫୁ ଅନ୍ନା ୱ୍ଗଫିର୍‌ଲନା ୱ୍ରହ୍‌ମ୍‌ନା ଅନ୍‌ତ ମୌଲାନା ଫନ୍‌ସୁର୍‌ନା ଅଲଲ୍ କଓମିଲ୍ କାଫିରିନ୍** (ବକ୍‌ରା : ୨୮୭) ଅର୍ଥାତ୍ - ହେ ଆମମାନଙ୍କ ପାଳନକର୍ତା ଯଦି ଆମେମାନେ କେବେ ଭୁଲିଯାଉ ବା ଦୋଷ କରିଥାଉଁ ତେବେ ଆମମାନଙ୍କୁ ଦଣ୍ଡ ଦିଅନାହିଁ । ହେ ଆମମାନଙ୍କ ପାଳନକର୍ତା ତୁମେ ଆମମାନଙ୍କ ପୂର୍ବବର୍ତୀ ଲୋକମାନଙ୍କ ଉପରେ ଯେପରି ଦାୟିତ୍ୱ ନ୍ୟସ୍ତ କରିଥିଲ ସେପରି ଦାୟିତ୍ୱ ଆମମାନଙ୍କ ଉପରେ ନ୍ୟସ୍ତ କରନାହିଁ । ହେ ଆମମାନଙ୍କ ପାଳନକର୍ତା ! ଯାହା ବହନ କରିବାକୁ ଆମମାନଙ୍କର ଶକ୍ତି ନାହିଁ ତାହା (ବହନ କରିବାକୁ) ଆମମାନଙ୍କୁ ଦିଅନାହିଁ ଏବଂ ଆମମାନଙ୍କୁ (ପାପରୁ) ମୁକ୍ତି ଦିଅ ଓ ଆମମାନଙ୍କୁ କ୍ଷମା କର ଏବଂ ଆମମାନଙ୍କ ପ୍ରତି କରୁଣା କର (କାରଣ) ତୁମ୍ଭେ ହିଁ ଆମମାନଙ୍କର ପ୍ରଭୁ । ସୁତରାଂ ଅବିଶ୍ୱାସକାରୀ ଗୋଷ୍ଠୀ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର ।

**ରବ୍ବନା ଅଫ୍‌ରିଗ୍ ଆଲୈନା ସବ୍‌ରଉଁ ୱ୍ସବ୍ବିତ୍ ଅକ୍‌ଦାମନା ୱ୍ନ୍‌ସୁର୍‌ନା ଅଲଲ୍ କୌମିଲ୍ କାଫିରିନ୍** (ବକ୍‌ରା : ୨୫୧) ଅର୍ଥାତ୍ ହେ ଅଲ୍ଲାଃ ! ଆମକୁ ଧର୍ଯ୍ୟରକ୍ଷା କରିବାକୁ ଶକ୍ତି ପ୍ରଦାନ କର ଏବଂ ଆମ ପାଦକୁ ଦୃଢତା ପ୍ରଦାନ କର ଆମକୁ ଅମାନ୍ୟକାରୀଙ୍କ ବିରୁଦ୍ଧରେ ସାହାଯ୍ୟ କର ।

**ରବ୍ବନଗ୍ ଫିରଲନା ଜୁନୁବନା ୱ୍ ଇସ୍‌ରାଫନା ଫି ଅମ୍‌ରିନା ୱ୍ ସବ୍ବିତ ଅକ୍‌ଦାମନା ୱ୍ନ୍‌ସୁରନା ଅଲଲ୍ କୌମିଲ୍ କାଫିରିନ୍** (ଆଲେ ଇମ୍‌ରାନ୍ : ୧୪୮) ଅର୍ଥାତ୍ ହେ ଅଲ୍ଲାଃ ! ଆମ ଦୋଷ କ୍ଷମା କର ଏବଂ ନିଜ ମାମଲାରେ ଆମ ସିମାଲଘଂନ କରିବା ଏବଂ ଆମ ପାଦକୁ ଦୃଢତା ପ୍ରଦାନ କର ଆମକୁ ଅମାନ୍ୟକାରୀଙ୍କ ବିରୁଦ୍ଧରେ ସାହାଯ୍ୟ କର ।

**ରବ୍ବ୍ ନଫ୍‌ତହ୍ ବଇନନା ୱ୍ ବଇନା କଉମିନା ବିଲ୍ ହକ୍‌କି ୱ୍ ଅନ୍‌ତ ଖଏରୁଲ୍ ଫାତିହିନ୍** (ଆରାଫ୍ : ୯୦) ଅର୍ଥାତ୍ - ହେ ଆମମାନଙ୍କର ପାଳନକର୍ତା ! ଆମମାନଙ୍କର ଏବଂ ଆମମାନଙ୍କର ସମ୍ପ୍ରଦାୟ ମଧ୍ୟରେ ନ୍ୟାୟସଙ୍ଗତ ନିଷ୍ପତି କର ଏବଂ ତୁମ୍ଭେ ହିଁ ସର୍ବୋତମ ନିଷ୍ପତିକାରୀ ।

**ରବ୍ବନା ଲା ତଜ୍‌ଅଲ୍‌ନା ଫିତ୍‌ନତଲ୍ ଲିଲ୍ କୌମିଜ୍ ଜାଲିମିନା ୱ୍ ନଜ୍ଜିନା ବିରହ୍‌ମତିକା ମିନଲ୍ କୌମିଲ୍ କାଫିରିନ୍** (ୟୁନୁସ୍ : ୮୬-୮୭) ଅର୍ଥାତ୍ - ହେ ଆମମାନଙ୍କର ପାଳନକର୍ତା ! ଆମମାନଙ୍କୁ ସେହି ଅତ୍ୟାଚାରୀ ଲୋକମାନଙ୍କୁ ବିଶୃଙ୍ଖଳାର ମାଧ୍ୟମ କରନାହିଁ ଏବଂ ଆମକୁ ନିଜ କରୁଣା ଦ୍ୱାରା ଅମାନ୍ୟକାରୀଙ୍କ କବଳରୁ ରକ୍ଷା କର ।

**ରବବିନ୍ ସୁର୍‌ନି ବିମା କଜ୍ଜବୁନ୍** (ମୁବିନୁନ୍ : ୪୦) ଅର୍ଥାତ୍ - ହେ ଅଲ୍ଲାଃ ! ମୋ ସାହାଯ୍ୟ କର କାରଣ ସେମାନେ ମୋତେ ମିଥ୍ୟାବାଦୀ ସାବ୍ୟସ୍ତ କରିଦେଲେ ।

**ରବ୍ବିବ୍‌ନି ଲି ଇନ୍‌ଦକା ବଇତନ୍ ଫିର୍ ଜନ୍ନତି ୱ୍ ନଜ୍ଜିନି ମିନ୍‌ଫିର୍ ଅଓନା ୱ୍ ଅମଲିହ ୱ୍ ନଜ୍ଜିନି ମିନଲ୍ କଓମିଜ୍ ଜାଲ୍‌ମିନ୍** (ତହ୍‌ରୀମ୍ : ୧୨) ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ବୈକୁଣ୍ଠରେ ନିଜ ନିକଟରେ ମୋ ପାଇଁ ଏକ ଗୃହ ନିର୍ମାଣ କର, ଏବଂ ମୋତେ ଫିରୋନ୍ ଓ ତାହାର କୁକର୍ମରୁ ରକ୍ଷା କର । ଏବଂ (ଏପରି ଭାବରେ ତାହାର) ଅତ୍ୟାଚାରୀ ସମ୍ପଦାୟ ଠାରୁ ମଧ୍ୟ ମୁକ୍ତି ଦିଅ ।

ବର୍ତମାନ କିଛି ହଦିସ୍‌ର ଦୁଆ ଯାହାକି ହଜରତ ମହମ୍ମଦ ସ.ଆ (ଆମକୁ) ଶିଖାଇଲେ ଉପସ୍ଥାପନ କରୁଅଛି ।

ହେ ଅଲ୍ଲାଃ ! ମୋତେ ମୋର ଦୋଷ କ୍ଷମା କର ମୋତେ ମୋର ସମସ୍ତ ମାମଲାରେ ମୋ ଅଜ୍ଞାନତା, ମୁର୍ଖାମୀ ଓ ମୋ ଅନ୍ୟାୟ କବଳରୁ ମୋତେ ରକ୍ଷା କର ଏବଂ ସେ ସମସ୍ତ କ୍ଷତି ଓ ଅସୁବିଧାରୁ ରକ୍ଷା କର ଯାହାକି ତୁମେ ମୋଠାରୁ ଅଧିକ ଭଲ ଭାବରେ ଅବଗତ ଅଛ । ହେ ଅଲ୍ଲାଃ ମୋ ଦୋଷ କ୍ଷମା କର ମୋ ଜାଣତରେ ଅବା ଅଜାଣତରେ ଏବଂ ଥଟାମଜାରେ କରିଥିବା ସମସ୍ତ ଦୋଷତ୍ରୁଟୀ କ୍ଷମା କର ସେ ସମସ୍ତ (ଦୋଷ) ମୋ ମଧ୍ୟରେ ରହିଛି ଯାହାକି ମୋ ଦ୍ୱାରା ଘଟିଅଛି ଏବଂ ଯାହା ଘଟି ନାହିଁ ତଥା ଯାହା ଲୁକାୟିତ ଭାବରେ ମୋ ଦ୍ୱାରା ଘଟିଯାଇଛି ଏବଂ ଯାହା ମୁଁ ସ୍ୱାଧିନ ଭାବରେ ସମ୍ପାଦନ କରିଅଛି । ମୋର ସେସମସ୍ତ ଦୋଷତ୍ରୁଟୀ କ୍ଷମା କର ତୁମେ ହିଁ ଉନ୍ନତି ଓ ଅବନତି ପ୍ରଦାନକାରୀ ଏବଂ ତୁମେ ସମସ୍ତ କାର୍ଯ୍ୟ କରିବାରେ ପୂର୍ଣ୍ଣ ଦକ୍ଷତା ସମ୍ପନ୍ନ । (ସହି ବୁଖାରୀ କିତାବୁଦ ଦାୱ୍ୱାତ....ହଦିସ୍ ୬୩୯୮)

ଆପଣଙ୍କର ଆଉ ଏକ ଦୁଆ ରହିଛି:- **ଅଲ୍ଲାହୁମା ଲକା ଅସ୍‌ଲନ୍‌ତୁ ୱ୍ ଆଲୈକା ତୱ୍‌କଲ୍‌ତୁ ୱ୍ବିକା ଆମନ୍‌ତୁ ୱ୍ ଇଲୈକା ଅନବ୍‌ତୁ ୱ୍ବିକା ଖାସମ୍‌ତୁ ୱ୍ ଇଲୈକା ହାକମ୍‌ତୁ ଫଗ୍‌ଫିର୍‌ଲି ମା କଦମ୍‌ତୁ ୱ୍ମା ଅଖ୍‌ଖର୍‌ତୁ ୱ୍ମା ଅସ୍‌ରର୍ ତୁ ୱ୍ମା ଆଲନ୍‌ତୁ ଅନ୍‌ତଲ୍ ମୁକଦ୍‌ଦିମୁ ୱ୍ ଅନ୍‌ତଲ୍ ମୁଅଖ୍‌ଖିରୀ ଲା ଇଲାହା ଇଲ୍‌ଲା ଅନ୍‌ତା (ସହି ବୁଖାରୀ କିତାବୁତ୍ ଦାୱ୍ୱାତ....ହଦିସ୍ - ୬୩୧୭)**

ଅର୍ଥାତ୍- ହେ ପ୍ରଭୁ ମୁଁ ନିଜକୁ ସମ୍ପୂର୍ଣ୍ଣ ରୂପେ ତୁମକୁ ସମର୍ପି ଦେଇଅଛି ତୁମ ଉପରେ ଭରଷା କରୁଅଛି ଏବଂ ତୁମ ଉପରେ ବିଶ୍ୱାସ ରଖୁଅଛି, ତୁମ ନିକଟରେ ନତମସ୍ତକ ହେଉଅଛି, ତୁମ ସାହାଯ୍ୟ କ୍ରମେ ବିରୋଧିଙ୍କ ମୁକାବିଲାରେ ତର୍କ କରୁଅଛି ଏବଂ ତୁମ ନିକଟରେ ନିଜ ମୁକଦ୍ଦମା ଉପସ୍ଥାପନ କରୁଅଛି । ତୁମେ ମୋର ସମସ୍ତ ପୂର୍ବ, ପର, ପ୍ରକାଶ, ଅପ୍ରକାଶ ଦୋଷତ୍ରୁଟୀ କ୍ଷମା କର । ତୁମେ ହିଁ ପ୍ରଥମ, ତୁମେ ହିଁ ଶେଷ ଏବଂ ତୁମ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହନ୍ତି ।

**ଅଲ୍ଲାହୁମା ଅନ୍‌ତରବ୍ବି ଲା ଇଲାହା ଇଲା ଅନ୍‌ତା ଖଲକ୍‌ଦତି ୱ୍ ଆନା ଅବ୍‌ଦୁକା ୱ୍ ଆନା ଅଲା ଅହଦିକା ୱ୍ ୱ୍ାଦିକା ମସ୍‌ତତତୁ ଅଉଜୁବିକା ମିନ୍ ସର୍‌ଲି ମା ସନଅତୁ ଅବୁଉଲକା ବେନେମତିକା ଆଲୈଆ ୱ୍ ଅବୁଲକା ବିଜମ୍‌ବି ଫଗ୍‌ଫିଲି ଫଇନ୍ନହୁ ଲାୟଗ୍‌ଫିରୁଜ୍ ଜୁନୁବା ଇଲା ଅନ୍‌ତା । (ସହି ବୁଖାରି କିତାବୁଦ୍ ଦାୱ୍ୱାତ୍...ହଦିସ୍ ନଂ- ୬୩୦୬)**

ଅର୍ଥାତ୍- ହେ ଅଲ୍ଲାଃ ! ତୁମେ ମୋର ପାଳନକର୍ତା । ତୁମ ବ୍ୟତୀତ ଆଉ କେହି ଉପାସ୍ୟ ନାହାଁନ୍ତି । ତୁମେ ମୋତେ ଜନ୍ମ ଦେଇଛ ଏବଂ ମୁଁ ତୁମର ଭକ୍ତ । ମୁଁ ତୁମ ପ୍ରତିଶୃତି ଓ ଅଙ୍ଗୀକାର ଉପରେ ତିଷ୍ଠି ରହିଛି, ଯେତିକି ମୋ ଠାରେ ଶକ୍ତି ରହିଛି । ମୁଁ ନିଜ କାର୍ଯ୍ୟର କୁପରିଣାମରୁ ତୁମ ଶରଣଭିକ୍ଷା କରୁଛି ଓ ନିଜ ଉପରେ ତୁମର ବୈଭବ ଓ ପୁରଷ୍କାରକୁ ଗ୍ରହଣ କରୁଛି ଏବଂ ନିଜ ପାପକୁ ମଧ୍ୟ ମାନି ନେଉଛି । ମୋତେ କ୍ଷମା ଦିଅ । ତୁମ ବ୍ୟତୀତ ଆଉ କେହି କ୍ଷମା ପ୍ରଦାନକାରୀ ନାହାଁନ୍ତି ।

**ଅଲ୍ଲାହୁମ୍ମା ଇନ୍ନି ଅଉଜୁବିକା ମିନ୍ କଲ୍‌ବି ଲା ୟଖ୍‌ଶା ୱ୍ମିନ୍ ଦୁଆଇନ ଲା ୟସ୍‌ମଉ ୱ୍ମିନ୍ ନଫ୍‌ସିନ୍ ଲା ତଶ୍‌ବଉ ୱ୍ମିନ୍ ଇଲ୍‌ମିନ୍ ଲା ୟନ୍‌ଫଉ ଅଉୟୁବିକା ମିନ୍ ହାଉଲାଇଲ୍ ଅରବା** (ସୁନତେ ତିର୍‌ମିଜି ଅବୁଆବୁଦ୍ ଦାୱ୍ୱାତ୍....ହଦିସ୍ ନଂ-୩୪୮୨)

ହେ ଅଲ୍ଲାଃ ! ମୁଁ ତୁମଠାରୁ ଏପରି ହୃଦୟରୁ ସରଣଭିକ୍ଷା କରୁଅଛି ଯେଉଁଥିରେ ବିନମ୍ରତା ଓ ନଇଁଯିବାର ଭାବନା ନାହିଁ ଏବଂ ଏପରି ଦୁଆରୁ ତୁମ ସରଣଭିକ୍ଷା କରୁଅଛି ଯାହାକି ସ୍ୱୀକାର ଯୋଗ୍ୟ ନୁହେଁ ଏବଂ ଏପରି ଲୋକମାନଙ୍କଠାରୁ ଯାହାଙ୍କ ଅଭିଳାଷା କଦାପି ପୂରଣ ହୋଇନଥାଏ ଏବଂ ଏପରି ଜ୍ଞାନ ଯାହାକି କଦାପି ଉପକାର ପ୍ରଦାନ କରୁନଥିବ । ମୁଁ ଉକ୍ତ ଚାରିଗୋଟି ଜିନିଷରୁ ତୁମ ସରଣ ଭିକ୍ଷା କରୁଅଛି ।

**ୟା ମୁକଲ୍‌ଲବୁଲ୍ କୁଲୁବି ସବ୍ବିତ୍ କଲ୍‌ବି ଅଲା ଦୀନିକା** (ସୁନତେ ତିର୍‌ମିଜି ଅବୁଆବୁଲ୍ କଦର୍...ହଦିସ୍ ୨୧୪୦) ଅର୍ଥାତ୍ ହେ ହୃଦୟ ପରିବର୍ତନକାରୀ ମୋ ହୃଦୟକୁ ନିଜ ଧର୍ମ ଉପରେ ପ୍ରତିଷ୍ଠିତ ରଖ ।

**ଅଲ୍ଲାହୁମ୍ମା ଇନ୍ନି ଅସ୍‌ଅଲୁକଲ୍ ହୁଦା ୱ୍ତ୍‌ତୁକା ୱ୍ଲ୍ ଅଫାଫା ୱ୍ଲ୍ ଗିନା** (ସୁନନେ ତିରିମିଜି ଅବୁଆବୁଦ୍ ଦାୱ୍ୱାତ୍.. ହଦିସ୍ ୩୪୮୯) ଅର୍ଥାତ୍ ହେ ଅଲ୍ଲାଃ ! ମୁ ତୁମଠାରୁ ସତପଥ, ଧର୍ମନିଷ୍ଠତା, ମର୍ଯ୍ୟାଦା ଓ ସମସ୍ତ ପ୍ରକାରର ଆବଶ୍ୟକତା ପୂରଣ କରିବା ଭାବନାରୁ ପବିତ୍ର ହେବା କାମନା କରୁଅଛି ।

**ଅଲ୍ଲାହୁମ୍ମା ଇନ୍ନା ନଜ୍‌ଅଲୁକା ଫି ନୁହୁରିହିମ୍ ୱ୍ ନଉଜୁବିକା ମିନ୍ ଶୁରୁରିହିମ୍** (ସୁନତେ ଅବୁଦାଉଦ୍, କିତାବୁଲ୍ ୱ୍ିତର୍... ହଦିସ୍ ୧୫୩୭) ଅର୍ଥାତ୍ ହେ ଅଲ୍ଲାଃ ! ଆମେ ତୁମକୁ ଏପରି ହୃଦୟରେ ଧାରଣ କରିଛୁ ଅର୍ଥାତ ତୁମ ଗାରିମା ସେହି ହୃଦୟରେ ଭରି ରହିଛି ଏବଂ ଆମେ ସେ ସମସ୍ତ କ୍ଷତି ପହଁଚାଉଥିବା (କାର୍ଯ୍ୟ)ରୁ ତୁମ ସରଣ ଭିକ୍ଷା କରୁଅଛି ।

**ଅଲ୍ଲାହୁମ୍ମା ଇନ୍ନି ଅସ୍‌ଅଲୁକା ହୁବ୍‌ବକା ୱ୍ ହୁବ୍‌ବା ମନ୍ ୟୁହିବ୍‌ବୁକା ୱ୍ଲ୍ ଅମଲଲ୍ ଲଜି ୟୁବଲ୍ଲିଗୁନି ହୁବ୍‌ବକା ଅଲ୍ଲାହୁମ୍ମା** ଅଜ୍‌ଅଲ୍ **ହୁବ୍‌ବିକା ଅହବ୍‌ବା ଇଲୈୟା ମିନ୍ ନଫସି ୱ୍ ଅହଲି ୱ୍ ମିନଲ୍ ମାଇଲ୍ ବାରିଦ୍** (ସୁନତେ ତିରିମିଜି ଅବୁଆବୁଦ୍ ଦାୱ୍ୱାତ୍...ହଦିସ୍ ନଂ-୩୪୯୦) ଅର୍ଥାତ୍ ହେ ଅଲ୍ଲାଃ ! ମୁଁ ତୁମଠାରୁ ତୁମ ପ୍ରେମ ଭିକ୍ଷା କରୁଅଛି ଏବଂ ସେହି ଲୋକମାନଙ୍କ ଭଲପାଇବା ଯେ ତୁମକୁ ପ୍ରେମ କରୁଛନ୍ତି ଏବଂ ସେହି କାର୍ଯ୍ୟକୁ ଭଲପାଇବା ଯାହାକି ମୋତେ ତୁମ ପ୍ରୀତିଭାଜନ ଲାଭ କରିବା ପର୍ଯ୍ୟନ୍ତ ପହଁଚାଇଦେବ । ହେ ଅଲ୍ଲାଃ ଏପରି କର କି ତୁମ ପ୍ରେମ ମୋତେ ନିଜ ପ୍ରାଣ ନିଜ ପରିବାରବର୍ଗ ଏବଂ ଶୀତଳ ମଧୁର ଜଳଠାରୁ ମଧ୍ୟ ଅଧିକ ପସନ୍ଦ ଓ ଭଲ ଲାଗୁ ।

ଗୋଟିଏ ଲମ୍ବା ଦୁଆ ଅଛି । ହଜ୍‌ରତ୍ ଇବ୍‌ନେ ଅବ୍‌ବାସ୍‌ଙ୍କ ଠାରୁ ବର୍ଣ୍ଣିତ ସେ ଆଁ

ହଜ୍‌ରତ୍ ସ:ଆ:ସଙ୍କୁ ଏହି ଦୁଆ କରିବାର ଶୁଣିଛନ୍ତି କି ହେ ଅଲ୍ଲାଃ! ମୁଁ ତୁମ ବିଶେଷ କରୁଣାକୁ ଚାହୁଁଅଛି, ଯାହା ମାଧ୍ୟମରେ ତୁମେ ମୋ ହୃଦୟକୁ ହିଦାୟତ୍ ପ୍ରଦାନ କରିବ ଓ ମୋ କାର୍ଯ୍ୟକୁ ସମ୍ପାଦନ କରିବ ଓ ମୋର ଛିନ୍ନ ଭିନ୍ନ ହୋଇଥିବା କାର୍ଯ୍ୟଗୁଡିକୁ ସଜାଡ଼ିଦେବ ଓ ମୋ ଠାରୁ ଦୂରେଇ ଯାଇଥବା ଲୋକମାନଙ୍କୁ ମୋ ସହିତ ମିଳାଇଦେବ ଓ ମୋ ସହିତ ସମ୍ପର୍କ ରଖିଥିବା ଲୋକମାନଙ୍କୁ ଉନ୍ନତି ପ୍ରଦାନ କରିବ । ତୁମେ ନିଜ କରୁଣା ଜରିଆରେ ମୋର କାର୍ଯ୍ୟଗୁଡିକୁ ପବିତ୍ର କରିଦିଅ ଓ ମୋତେ ସତ୍‌ପଥ ପ୍ରଦାନ କର ଓ ଯେଉଁ ଜିନିଷ ଗୁଡିକୁ ମୁଁ ଭଲ ପାଉଛି ତାହା ମୋତେ ମିଳିଯାଉ । ଓ ଏପରି ବିଶେଷ କରୁଣା ପ୍ରଦାନ କର ଯାହା ମୋତେ ସବୁ ପ୍ରକାର କୁକର୍ମରୁ ବଂଚାଇବ । ହେ ଅଲ୍ଲାଃ ମୋତେ ଏପରି ସ୍ଥାୟୀ ଇମାନ୍ (ବିଶ୍ୱାସ) ପ୍ରଦାନ କରନ୍ତୁ ଯାହାପରେ ମୁଁ ଅମାନ୍ୟକାରୀ ନହୋଇଯାଏ । ଏପରି କରୁଣା ପ୍ରଦାନ କର ଯାହା ମାଧ୍ୟମରେ ମୋତେ ଇହକାଳ ଓ ପରକାଳରେ ସମ୍ମାନ ମିଳିବ । ହେ ଅଲ୍ଲାଃ ମୁଁ ତୁମଠାରୁ ପ୍ରତ୍ୟେକ ନିଷ୍ପତିରେ ସଫଳତା ଚାହୁଁଛି ଓ ଶହିଦ୍‌ଙ୍କ ପରି ଅତିଥି ସତ୍କାର ଓ ସୌଭାଗ୍ୟଶାଳୀ ଜୀବନ ଓ ଶତୃଙ୍କ ଉପରେ ବିଜୟୀ ହେବାର ଇଛା କରୁଅଛି । ହେ ମୋର ପ୍ରକୃତ ବନ୍ଧୁ! ମୁଁ ନିଜର କାମନା ଗୁଡିକ ନେଇ ତୁମ ଦ୍ୱାରଦେଶରେ ଉପସ୍ଥିତ ହୋଇଛି । ଯଦି ମୋର ଭାବନା ଦୁର୍ବଳ ଓ ମୋର ତଦ୍‌ବୀ୍ର (ଯୋଜନା) ଦୁର୍ବଳ ମଧ୍ୟ ଅଛି ତେବେ ବି ମଧ୍ୟ ମୁଁ ତୁମ କରୁଣାକୁ ଆଶା କରୁଅଛି । ତେଣୁ ହେ ସମସ୍ତ ମାମଲାର ନିଷ୍ପତିକାରୀ ଓ ହେ ହୃଦୟକୁ ଶାନ୍ତି ପ୍ରଦାନକାରୀ! ମୁଁ ତୁମକୁ ଏ ପ୍ରଶ୍ନ ପଚାରୁଛି କି ଯେଉଁଭଳି ଉଶୃଙ୍ଖଳ ସମୁଦ୍ର ଭିତରୁ ତୁମେ ମନୁଷ୍ୟକୁ ବଂଚାଇ ଦେଉଛ ସେହିପରି ମୋତେ ଅଗ୍ନିର ଦଣ୍ଡରୁ ବଂଚାଅ । ହେ ମୋର ପ୍ରକୃତ ବନ୍ଧୁ! ଯେଉଁ ପ୍ରାର୍ଥନା ଗୁଡିକ ପର୍ଯ୍ୟନ୍ତ ମୋ ଭାବନା ଯାଇପାରୁନାହିଁ ଏବଂ ଯେଉଁ ବିଷୟ ଗୁଡିକ ମୁଁ ମାଗିପାରୁନାହିଁ ଓ ଯେଉଁ ସବୁ ସୁକର୍ମ ଓ ଉତମ କାର୍ଯ୍ୟ ବିଷୟରେ ମୁଁ ଆଶା ବାନ୍ଧିପାରିନାହିଁ, କିନ୍ତୁ ତୁମେ ନିଜ ସୃଷ୍ଟଜଙ୍କ ମଧ୍ୟରୁ କାହା ସହିତ ସେହି ସବୁ ଉତମ ଅଙ୍ଗୀକାର କରିରଖିଅଛ ବା ନିଜ ଭକ୍ତମାନଙ୍କ ମଧ୍ୟରୁ କାହାକୁ ତୁମେ ସେହିସବୁ ବୈଭବ ପ୍ରଦାନ କରିବାକୁ ଯାଉଅଛ ତ ସେହି ସମସ୍ତ ବୈଭବକୁ ମୁଁ ପାଇବା ପାଇଁ ମୁଁ ଆଶା ବାନ୍ଧିଛି । ଏବଂ ହେ ସମଗ୍ର ବିଶ୍ୱର ପାଳନକର୍ତା! ମୁଁ ତୁମ କରୁଣାର ରାଣ ଦେଇ ତୁମଠାରୁ ସେ ସମସ୍ତ ବୈଭବକୁ ମାଗୁଅଛି । ହେ ଅଲ୍ଲାଃ! ସୁଦୃଢ଼ ସମ୍ପର୍କ ରଖିବା ବାଲା ଓ ସତ୍‌ପଥରେ ପରିଚାଳିତ କରିବା ବାଲା ମାଲିକ! ମୁଁ ମହାପ୍ରଳୟ ଦିନ ତୁମଠାରୁ ଶାନ୍ତି ପାଇବାର ଆଶା ରଖିଛି ଓ ସେହି ଚିରସ୍ଥାୟୀ ରହିବାର ସ୍ଥାନରେ ବୈକୁଣ୍ଠ ପାଇବା ପାଇଁ ଆଶା ବାନ୍ଧିଛି । ତୁମ ଦରବାରରେ ହାଜିର ଦେଉଥିବା ଓ ସାନିଧ୍ୟ ହାସଲ କରୁଥିବା ଭକ୍ତମାନଙ୍କ ସହିତ ଓ ନତମସ୍ତକ ହେଉଥିବା ଓ ଅଙ୍ଗୀକାରକୁ ପୁର୍ଣ୍ଣ କରୁଥିବା ଲୋକମାନଙ୍କର ସାନିଧ୍ୟ ଚାହୁଁଛି । ବାସ୍ତବରେ ତୁମେ ହିଁ ବହୁତ କରୁଣାମୟ ଓ ବହୁତ ଦୟାବନ୍ତ ଅଟ । ନିଶ୍ଚିତ ରୂପେ ତୁମେ ଯାହା ଚାହଁ ତାହା କରିଥାଅ । ହେ ଅଲ୍ଲାଃ! ଆମକୁ ଏପରି ସତ୍‌ପଥଗାମୀ ମାର୍ଗଦର୍ଶକ ବନାନ୍ତୁ ଯିଏ ନା ନିଜେ ପଥଭ୍ରଷ୍ଟ ହେବ ନା ପଥଭ୍ରଷ୍ଟ କରାଇବା ବାଲା ହେବ । ତୁମ ପ୍ରିୟ ଓ ତୁମ ବନ୍ଧୁମାନଙ୍କ ନିମନ୍ତେ ଆମେ ଶାନ୍ତିର ବାର୍ତା ହେଉ ଓ ତୁମ ଶତୃମାନଙ୍କ ନିମନ୍ତେ ଯୁଦ୍ଧର ନିଦର୍ଶନ । ଆମେ ତୁମ ପ୍ରେମର ଉତମତା ଓ ତୁମ ପ୍ରେମୀମାନଙ୍କ ସହିତ ପ୍ରେମ କରିବା ବାଲା ଓ ତୁମ ସହିତ ଶତୃ ଆଚରଣ କରୁଥିବା ଲୋକଙ୍କ ସହିତ ତୁମ ଖାତିର୍ ଶତୃତା ରଖିବା ବାଲା ହେଉ । ହେ ଅଲ୍ଲାଃ! ଏହା ଆମର ହେଉଛି ବିନମ୍ରତାର ପ୍ରାର୍ଥନା, ଯାହାକୁ ଗ୍ରହଣ କରିବା ହେଉଛି ତୁମ ହାତରେ । ହେ ଅଲ୍ଲାଃ! ତେଣୁ ଏହି ପ୍ରାର୍ଥନା ହେଉଛି ଆମର ସବୁ ପରିଶ୍ରମ ଓ ଯୋଜନା ଓ ସମସ୍ତ ଭରଷା ତୁମ ଉପରେ ରଖିଛୁ । ହେ ଅଲ୍ଲାଃ! ମୋ ପାଇଁ ମୋ ହୃଦୟରେ ଜ୍ୟୋତି ସୃଷ୍ଟି କରିଦିଅ । ମୋ କବରକୁ ମଧ୍ୟ ଉଜ୍ଜ୍ୱଳ କରିଦିଅ । ମୋ ଆଗରେ ଓ ମୋ ପଛରେ ମଧ୍ୟ ଜ୍ୟୋତି ପ୍ରଦାନ କର । ମୋ ଡାହାଣପଟେ ମଧ୍ୟ ଜ୍ୟୋତି ଓ ମୋ ବାମପଟେ ମଧ୍ୟ ଜ୍ୟୋତି ପ୍ରଜ୍ୱଳିତ କର ଓ ମୋ ଉପରେ ଓ ମୋ ତଳେ ମଧ୍ୟ ଜ୍ୟୋତି ହିଁ ଜ୍ୟୋତି ହେଉ । ମୋ ଶୁଣିବାରେ ମଧ୍ୟ ଜ୍ୟୋତି ଭରିଦେଉ । ମୋ ଦେଖିବାରେ ମଧ୍ୟ ଜ୍ୟୋତି ପରିପୁର୍ଣ୍ଣ ହେଉ ମୋ କେଶରେ ମଧ୍ୟ ଜ୍ୟୋତି ଭରିଯାଉ ଓ ମୋ ଚର୍ମରେ ମଧ୍ୟ ଜ୍ୟୋତିପୁର୍ଣ୍ଣ ଆଭା ହେଉ । ମୋ ମାଂସ, ମୋ ରକ୍ତରେ ମଧ୍ୟ ଜ୍ୟୋତି ଭରିଯାଉ ଓ ମୋ ବୁଦ୍ଧିରେ ମଧ୍ୟ ଜ୍ୟୋତି ଭରିରହୁ । ମୋ ହାଡରେ ମଧ୍ୟ ଜ୍ୟୋଜି ଭରିଯାଉ । ହେ ଅଲ୍ଲାଃ! ମୋ ହୃଦୟରେ ଜ୍ୟୋତିର ବୈଭବ ସୃଷ୍ଟି ହୋଇଯାଉ ଓ ପୁଣି ମୋତେ ସେହି ସବୁ ଜ୍ୟୋତି ପ୍ରଦାନ କର । ସୁତରାଂ ମୋତେ ସମ୍ପୂର୍ଣ୍ଣ ରୂପେ ଜ୍ୟୋତିପୁର୍ଣ୍ଣ କରିଦିଅ । ପବିତ୍ର ହେଉଛି ସେହି ଅସ୍ତିତ୍ୱ ଯିଏ ମହିମାମୟ ବସ୍ତ୍ର ପରିଧାନ କରି ସମ୍ମାନର ସହିତ ପ୍ରତିଷ୍ଠିତ । ପବିତ୍ର ହେଉଛି ସେହି ଅସ୍ତିତ୍ୱ ଯାହାଙ୍କ ବ୍ୟତୀତ ଅନ୍ୟ କାହାର ପବିତ୍ରତା ବର୍ଣ୍ଣନା କରିବା ଉଚିତ୍ ନୁହେଁ । ପବିତ୍ର ହେଉଛି ସେହି କରୁଣାମୟଙ୍କ ଅସ୍ତିତ୍ୱ, ପୁଣି ପବିତ୍ର ହେଉଛି ସେହି ସମସ୍ତ ସମ୍ମାନର ଅଧିକାରୀ ଓ ପବିତ୍ର ହେଉଛନ୍ତି ସେହି ପ୍ରତାପି ଓ ସମ୍ମାନୀୟ ଅସ୍ତିତ୍ୱ । (ସୁନତେ ତିରିମିଜି, ଅବୁଆବୁଦ୍ ଦାଓ୍ୱାତ୍.....ହଦିସ୍-୩୪୧୯)

ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରାର୍ଥନା ଗୁଡିକ ମଧ୍ୟ ଅଛି ।

ଆପଣ ଆ:ସ ନିଜର ଜଣେ ସାହାବୀ ଚୌଧୁରୀ ରୁସ୍ତମ୍ ଅଲୀ ସାହେବଙ୍କୁ ଚିଠିରେ ଏହି ଦୁଆ ଲେଖିଥିଲେ । ଏହା ହେଉଛି ଆରବୀ ଦୁଆ । **ୟାମନ୍ ହୁଆ ଅହବ୍‌ବା ମିନ୍ କୁଲ୍ଲେ ମହବୁବିନ୍ ଅଗ୍‌ଫିର୍‌ଲି ଓ୍ୱତୁବ୍ ଅଲୈୟା ଓ୍ୱ ଅଦ୍‌ଖିଲ୍‌ନି ଫି ଇବାଦିକଲ୍ ମୁଖ୍‌ଲସୀନ୍** (ଅଲ୍‌ହକମ୍, ତା-୧୦ ଅଗଷ୍ଟ ୧୯୦୧, ପୃଷ୍ଠା-୯, ଖଣ୍ଡ-୫, ସଂଖ୍ୟା-୨୯) ଅର୍ଥାତ ହେ ସମସ୍ତ ପ୍ରିୟଜନଙ୍କ ଅପେକ୍ଷା ଅତିପ୍ରିୟ ଓ ଭଲପାଇବା ଯୋଗ୍ୟ ହସ୍ତି ମୋତେ କ୍ଷମା ଦିଅ ମୋ ଉପରେ କୃପା କର ଏବଂ ମୋତେ ନିଜ ନିଷ୍ପାପର ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କର । ଆମେ ପାପକାରୀ ଭକ୍ତ, ଆମକୁ ଆମର କାମନା ବଶଃବର୍ତୀ କରିଅଛି ତୁମେ ଆମକୁ କ୍ଷମା କର ଏବଂ ପ୍ରଳୟକାରୀ ଦିବସର ଭୟାବହତାରୁ ରକ୍ଷା କର । (ଉଦ୍ଧୃତ ବଦର୍ ତା-୨୬ ଜୁଲାଇ ୧୯୦୬, ପୃଷ୍ଠା-୩, ଖଣ୍ଡ-୨, ଅଙ୍କ-୩୦)

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ପ୍ରଥମଙ୍କୁ ଆପଣ ଆ:ସ ଗୋଟିଏ ପତ୍ର ଲେଖିଥିଲେ ଓ ସେଥିରେ ଏ ଦୁଆ ଲେଖିଛନ୍ତି ଓ ସେଥିପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି ।

ହେ ମୋର ଉପକାରୀ ଓ ମୋର ପ୍ରିୟ ଇଶ୍ୱର । ମୁଁ ଏକ ଅଧମ ଭକ୍ତ ଯିଏ ସମ୍ପୂର୍ଣ୍ଣ ପାପରେ ପରିପୂର୍ଣ୍ଣ ଓ ସମ୍ପୂର୍ଣ୍ଣ ଅବହେଳାଗ୍ରସ୍ତ ଅଟେ । ତୁମେ ମୋ ଉପରେ ଅତ୍ୟାଚାର ହେବାର ଦେଖିଛ ଓ ତୁମେ ମୋତେ ପୁରସ୍କାର ଉପରେ ପୁରସ୍କାର ପ୍ରଦାନ କରିଚାଲିଛ ଓ ମୋଠାରୁ ପାପ ହେବାର ଦେଖୁଅଛ କିନ୍ତୁ ମୋ ଉପରେ ଦୟା କରିଚାଲିଛ । ତୁମେ ସର୍ବଦା ମୋ ଦୋଷ ଦୁର୍ବଳତାକୁ ଢ଼ାଙ୍କି ଦେଇଛି ଓ ନିଜର ଅଗଣତି ପୁରଷ୍କାର ଦ୍ୱାରା ମୋତେ ଆଚ୍ଛାଦିତ କରିଛ । ତେଣୁ ଏବେ ମଧ୍ୟ ମୋ ପରି ନାଲାଏକ୍ ଓ ପାପପୁର୍ଣ୍ଣ ବ୍ୟକ୍ତି ଉପରେ ଦୟାକର ଓ ମୋର ସମସ୍ତ ଦୋଷକୁ କ୍ଷମା କର ଓ ମୋତେ ମୋ ସମସ୍ତ ଦୁଃଖରୁ ମୁକ୍ତି ପ୍ରଦାନ କର । କାରଣ ତୁମଛଡ଼ା ଆଉକେହି ଉପଚାରକ ଓ ସହାୟକ ନାହାଁନ୍ତି । ଆମିନ୍!''
(ମକ୍‌ତୁବାଦେ ଅହେମଦ୍ ଦ୍ୱିତୀୟ ଖଣ୍ଡ, ପୃଷ୍ଠା-୧୦, ପତ୍ର-ବନାମ, ହଜ୍‌ରତ୍ ମୌଲାନା ହକିମ୍ ନୁରୁଦ୍ଦିନ୍ ସାହେବ ଖଲିଫତୁଲ୍ ମସିହ୍ ପ୍ରଥମ, ଚିଠି ନଂ-୨)

ଅଲ୍ଲାଃଙ୍କ ମାର୍ଗରେ ଉତ୍ସର୍ଗୀ ହେବା ନିମନ୍ତେ ଆପଣ ଏହି ଦୁଆ ଶିଖାଇଲେ ।

ହେ ସମସ୍ତ ଜଗତର ପାଳନକର୍ତା! ମୁଁ ତୁମ ଅନୁକମ୍ପାର କୃତଜ୍ଞତା ଜ୍ଞାପନ କରି ପାରିବି ନାହିଁ ତୁମେ ଅତ୍ୟନ୍ତ ଦୟାବାନ ଓ କରୁଣାମୟ । ତୁମର ମୋ ଉପରେ ଅସୀମିତ କୃପା ରହିଛି ମୋ ଦୋଷତ୍ରୁଟୀ କ୍ଷମା କର ଯଦ୍ୱାରା ମୁଁ ଧ୍ୱଂସ ପାଇନଯାଏ ମୋ ହୃଦୟରେ ନିଜର ନିଷ୍ପାପର ପ୍ରେମ ଭରିଦିଅ ଯଦ୍ୱାରା ମୋତେ ଜୀବନ ଲାଭ ହେବ ଏବଂ ମୋ ଦୋଷତ୍ରୁଟୀକୁ ଢାଙ୍କି ଦିଅ ଏବଂ ମୋ ଦ୍ୱାରା ଏଭଳି କାର୍ଯ୍ୟ ସମ୍ପାଦନ କରାଅ ଯେଉଁଥିରେ ତୁମେ ରାଜି ହେବ ଓ ମୁଁ ତୁମ ପ୍ରୀତିଭାଜନ ଲାଭ କରିବା ସହିତ ଏହା ମଧ୍ୟ ଭିକ୍ଷା କରୁଅଛି ତୁମ ଅଭିଷାପ ମୋ ଉପରେ ନପଡୁ ଦୟା କର ଦୟା କର ଦୟା କର ଏବଂ ସଂସାର ଓ ପରକାଳର ବିପତିରୁ ମୋତେ ରକ୍ଷା କର କାରଣ ସମସ୍ତ ପ୍ରକାର ବିଭୁତି ଓ କରୁଣା ତୁମ ହାତରେ ରହିଛି । ଆମିନ୍!
(ମକ୍‌ତୁବାଦେ ଅହେମଦ୍ ଦ୍ୱିତୀୟ ଖଣ୍ଡ, ପୃଷ୍ଠା-୧୫୯, ପତ୍ର-ବନାମ, ହଜ୍‌ରତ୍ ନଓ୍ୱାବ୍ ମହମ୍ମଦ୍ ଅଲୀ ଖାନ୍ ସାହେବ ଖଲିଫତୁଲ୍ ମସିହ୍ ପ୍ରଥମ, ଚିଠି ନଂ-୩)

ବର୍ତମାନ ଆମକୁ ସମଗ୍ର ବିଶ୍ୱବାସୀଙ୍କ ନିମନ୍ତେ ମଧ୍ୟ ଦୁଆ କରିବା ଉଚିତ୍ । ଅଲ୍ଲାଃତାଲା ସେମାନଙ୍କ ମଧ୍ୟରେ ଏକତା ଓ ଅଖଣ୍ଡତା ସ୍ଥାପନ କରନ୍ତୁ ଏବଂ ସେମାନଙ୍କ ହୃଦୟରେ ଯେଉଁ ସବୁ ଫାଟ ଓ ବିଦ୍ୱେଷଭାବ ରହିଛି ତାହାକୁ ଯୋଡ଼ି ଦିଅ ଏବଂ ପାରସ୍ପରିକ ଶତ୍ରୁତାର ଅନ୍ତ ଘଟୁ । ଶତ୍ରୁମାନେ ଇସଲାମର ଅନିଷ୍ଟ କରିବାରୁ ନିବୃତ ରୁହନ୍ତୁ ।

ଅଲ୍ଲାଃତାଲା ସମସ୍ତ ଅହେମଦିଙ୍କ ମଧ୍ୟରେ (ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ) କନାଅତ୍ (ଅଳ୍ପକେ ସନ୍ତୁଷ୍ଟ ହେବା) ସୃଷ୍ଟି କରନ୍ତୁ । ସେମାନଙ୍କୁ ସମସ୍ତ ପ୍ରକାରର ଅସୁବିଧାରୁ ରକ୍ଷା କରନ୍ତୁ ଏବଂ ତାଙ୍କୁ ସୁଦୃଢ କରନ୍ତୁ ଏବଂ ସଦାସର୍ବଦା ସେମାନେ ଜମାଅତର ବ୍ୟବସ୍ଥା ଓ ଖିଲାଫତ୍ ସହ ଯୋଡ଼ି ହୋଇ ରୁହନ୍ତୁ । ଏବଂ ନିଜାମେ ଜମାତ୍‌କୁ ମଧ୍ୟ ଲୋକମାନଙ୍କର ଅଧିକାର ପ୍ରଦାନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଓ୍ୱହ୍‌ଦାଦାର୍ ମାନଙ୍କୁ ନିଜ ନିଜର ଦାୟିତ୍ୱ ଗୁଡିକୁ ବୁଝିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଓ୍ୱାକିଫିନେ ଜିନ୍ଦେଗୀ ମାନଙ୍କୁ ଓ୍ୱକ୍‌ଫ୍‌ର ମର୍ମ ସହିତ ଦୀନ୍‌ର ସେବା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଅଲ୍ଲାଃତାଲା ଆମକୁ ଦଜ୍ଜାଲର ଷଡ଼ଯନ୍ତ୍ରରୁ ରକ୍ଷା କରନ୍ତୁ । ଅଲ୍ଲାଃତାଲା ଏହି ସମସ୍ତ ଶକ୍ତିମାନଙ୍କୁ ଓ ସେମାନଙ୍କ ଅତ୍ୟାଚାରକୁ ରୋକି ରଖନ୍ତୁ, ଯେଉଁମାନେ ମୁସଲ୍‌ମାନ୍ ମାନଙ୍କୁ ଦୁର୍ବଳ କରିଦେବା ପାଇଁ ଲାଗି ପଡ଼ିଛନ୍ତି ଓ ମୁସଲ୍‌ମାନ୍ ମାନଙ୍କୁ ସେମାନଙ୍କ ଦୁଷ୍ଟତାରୁ ବଂଚାଇ ରଖନ୍ତୁ । ବରଂ ଏହା ଫଳରେ କେବଳ ଇସ୍‌ଲାମୀୟ ଦୁନିଆରେ ନୁହେଁ ବରଂ ସମଗ୍ର ସଂସାରରେ ଯେଉଁ ବିପଦପୂର୍ଣ୍ଣ ଧ୍ୱଂସର ପରିସ୍ଥିତି ଆସିପାରେ ସେହି ଧ୍ୱଂସରୁ ଅଲ୍ଲାଃତାଲା ରକ୍ଷା କରନ୍ତୁ । ଅଲ୍ଲାଃତାଲା ଅହେମଦି ଶହିଦମାନଙ୍କର (ବୈକୁଣ୍ଠରେ) ସ୍ତର ବୃଦ୍ଧି କରନ୍ତୁ ଏବଂ ସେମାନଙ୍କ ପରିଜନମାନଙ୍କର ସ୍ୱୟଂ ସୁରକ୍ଷା କରନ୍ତୁ । ଅଲ୍ଲାଃଙ୍କ ମାର୍ଗରେ କାରାବରଣ ଭୋଗ କରୁଥିବା ଅହେମଦିମାନଙ୍କର ଶିଘ୍ର ମୁକ୍ତ ହେବାର ମାର୍ଗ ପରିଷ୍କାର କରନ୍ତୁ । ଅଲ୍ଲାଃତାଲା ସେହି ସମସ୍ତ ଲୋକମାନଙ୍କୁ, ଯେଉଁମାନେ କୌଣସି ନା କୌଣସି ପ୍ରକାରେ ଗିରଫ୍‌ତାର୍ ହୋଇଛନ୍ତି ସେହିସବୁ ସମସ୍ୟାରୁ ମୁକ୍ତି ପ୍ରଦାନ କରନ୍ତୁ । ରୋଗୀମାନଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ । ଯେଉଁ ଲୋକେ ରାଜନୈତିକ ଦୃଷ୍ଟିକୋଣରୁ ବା ଧର୍ମୀୟ ଦୃଷ୍ଟିକୋଣରୁ ଅସୁବିଧାରେ ଅଛନ୍ତି ବିଶେଷ ରୂପେ ବିଭିନ୍ନ ଦେଶରେ ଜମାତ୍‌ର ସଦସ୍ୟମାନେ ଅଛନ୍ତି, ଅଲ୍ଲାଃତାଲା ସେମାନଙ୍କର ଅସୁବିଧାକୁ ଦୂର କରନ୍ତୁ ଓ ଶତୃଙ୍କ ଆକ୍ରମଣରୁ ଦୂରେଇ ରଖନ୍ତୁ ।

କାଦିଆନ୍‌ର ଦରଓ୍ୱେଶ୍‌ମାନେ, ଏବେ ଦରଓ୍ୱେଶ୍‌ମାନେ ବହୁତ ଅଳ୍ପ ସଂଖ୍ୟକ ଅଛନ୍ତି ।

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ.....*

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

ଗୁଡିକ ଅଛି ସେମାନେ ତିନିବର୍ଷ ଭିତରେ ନୌମୁବାଇନ୍ ମାନଙ୍କ ତର୍‌ବିୟତ୍ କରି ସେମାନଙ୍କୁ ଜମାତ୍‌ର ମେନ୍ ଷ୍ଟ୍ରିମ୍‌ରେ ନେଇଆସୁଛନ୍ତି ।

ହଜୁର୍ ଅନୁଓ୍ୱର୍ କାଏଦ୍ ତର୍‌ବିତୟ୍ ନୌମୁବାଇନ୍‌ଙ୍କୁ ସମ୍ବୋଧନ କରି କହିଲେ କି- ଆପଣ କେବଳ ଗୋଥନ୍‌ବର୍ଗ୍‌ର କାଏଦ୍ ତର୍‌ବିୟତ୍ ନୁହଁନ୍ତି ବରଂ ସାରା ସ୍ୱିଡେନ୍‌ର କାଏଦ୍ ତର୍‌ବିତୟ୍ ନୌମୁବାଇନ୍ ଅଟନ୍ତି । ସେଥିପାଇଁ ସାରା ଦେଶରେ ସମସ୍ତ ନୌମୁବାଇନ୍‌ଙ୍କ ସହିତ ଯୋଗାଯୋଗ ରହିବା ଉଚିତ୍ ।

କାଏଦ୍ ଇସାର ବିଭାଗ ନିଜ ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ଏବେ କାମ ଆରମ୍ଭ କରିନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଓଲ୍‌ଡ୍ ପିପୁଲ୍‌ସ୍ ହୋମ୍‌କୁ ଯାଆନ୍ତୁ ଓ ବୃଦ୍ଧ ଲୋକଙ୍କ ସହିତ ମିଶନ୍ତୁ । ଖିଦ୍‌ମତେ ଖଲ୍‌କ୍ କାମର ପ୍ରୋଜେକ୍‌ସନ୍ କରନ୍ତୁ । ବିଭିନ୍ନ ସ୍ଥାନରେ ଗଛ ଲଗାନ୍ତୁ । ଏହି ଅବସରରେ ସେ ଇଲାକାର ଏମ୍.ପି କୁ ଡାକନ୍ତୁ, ମେୟର୍‌କୁ ଡାକନ୍ତୁ, ପ୍ରେସ୍‌କୁ ଡାକନ୍ତୁ, ଯିଏ ଆସି ସ୍ଥାନୀୟ ଖବରକାଗଜ ଗୁଡିକରେ ଯେବେ ଖବର ଦେବେ ତେବେ ତା ଜରିଆରେ ଇସ୍‌ଲାମ୍‌ର ତବ୍‌ଲିଗ୍ ପାଇଁ ରାସ୍ତା ଉନ୍ମୁକ୍ତ ହେବ । ନିଜ ପ୍ରୋଜେକ୍‌ସନ୍ ପାଇଁ ନୁହେଁ ବରଂ ତବ୍‌ଲିଗ୍‌ର ମାର୍ଗ ଖୋଲିବା ପାଇଁ ଏହା ଜରୁରୀ ଅଟେ କି ମିଡ଼ିଆରେ ଖବର ଦିଆଯାଉ ।

କାଏଦ୍ ମାଲ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ଅନ୍‌ସାର୍‌ମାନଙ୍କର ମଜ୍‌ଲିସ୍ ଚାନ୍ଦାର ସରାହ୍ (ମାପ) ହେଉଛି ଏକ ପ୍ରତିଶତ । ୧୫୦ ଜଣ ଅନ୍‌ସାର୍‌ମାନଙ୍କ ମଧ୍ୟରୁ ନିୟମିତ ରୂପେ ୫୮ ଜଣ ଚାନ୍ଦା ଦେଉଛନ୍ତି । ଆମର ବଜେଟ୍ ହେଉଛି ୧,୩୪,୦୦୦ କ୍ରୋନ୍‌ର ଏବଂ ଆମେ ୧,୨୯,୦୦୦ କ୍ରୋନର୍ ହାସଲ କରିସାରିଛୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଯେଉଁମାନେ ଚାନ୍ଦା ଦେଉନାହାଁନ୍ତି ସେମାନଙ୍କୁ ଧିରେ ଧିରେ ଆପ୍ରୋଚ୍ କରନ୍ତୁ । ସେମାନଙ୍କ ସହିତ ସମ୍ପର୍କ ରଖନ୍ତୁ । ଏବଂ ଏହିଭଳି ଲୋକମାନଙ୍କୁ ଚାନ୍ଦାର ଗୁରୁତ୍ୱ ବିଷୟରେ ବତାନ୍ତୁ ଏବଂ ସେମାନଙ୍କୁ କୁହନ୍ତୁ କି ଯଦି ଆପଣଙ୍କର କୌଣସି ଅସୁବିଧା ଅଛି ତେବେ ନଦିଅନ୍ତୁ । ତେଣୁ କହିଦିଅନ୍ତୁ କି ମୁଁ ଦେଇପାରିବି ନାହିଁ କିନ୍ତୁ ଚାନ୍ଦାର ଗୁରୁତ୍ୱ ବିଷୟରେ ସେମାନେ ଜାଣିବା ଉଚିତ୍ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଅନ୍‌ସାର୍‌ଙ୍କ ପତ୍ରିକାରେ ଚାନ୍ଦାର ଗୁରୁତ୍ୱ ବିଷୟରେ ପ୍ରବନ୍ଧ ଲେଖନ୍ତୁ । ମଜ୍‌ଲିସ୍ ଗୁଡିକୁ ସର୍କୁଲର୍ ପଠାନ୍ତୁ ଏବଂ ସେମାନଙ୍କୁ ବାରମ୍ବାର ଏ ବିଷୟରେ ମନେପକାଇ ଦିଅନ୍ତୁ ।

କାଏଦ୍ ଓ୍ୱକ୍‌ଫେ ଯଦିଦ୍ ଓ ତହ୍‌ରିକ୍ ଯଦିଦ୍‌କୁ ହିଦାୟତ୍ ଦେଇ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆପଣଙ୍କ କାର୍ଯ୍ୟ ହେଉଛି ଜମାତ୍‌ର ସେକ୍ରେଟାରୀ ତହ୍‌ରିକ୍ ଯଦିଦ୍ ଓ ସେକ୍ରେଟାରୀ ଓ୍ୱକ୍‌ଫେ ଯଦିଦ୍‌ଙ୍କ ସାହାଯ୍ୟ କରିବା ।

କାଏଦ୍ ତବ୍‌ଲିଗ୍‌ଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ କି ବିଗତ ତିନିବର୍ଷ ମଧ୍ୟରେ କେତେଜଣ ଅହେମଦୀ କରିଛ ଓ ବିଗତ ଦଶବର୍ଷରେ ଅନ୍‌ସାର୍‌ମାନେ କେତେଜଣ ଅହେମଦୀ କରିଛନ୍ତି । କାଏଦ୍ ତବ୍‌ଲିଗ୍ କହିଲେ କି ଏ ବିଷୟରେ ମୋତେ ଜଣାନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆପଣମାନେ ବିନା ପ୍ରସ୍ତୁତିରେ ମିଟିଂକୁ ଆସିଛନ୍ତି । ପୁଣି ହଜୁର୍ କହିଲେ କି ଆମେଲାର ପ୍ରତ୍ୟେକ ସଦସ୍ୟ ଜଣ ଜଣ ବ୍ୟକ୍ତିଙ୍କୁ ତବ୍‌ଲିଗ୍ କରନ୍ତୁ ।

କାଏଦ୍ ତବ୍‌ଲିଗ୍ ବତାଇଲେ କି ଦୁଇଟି ଦ୍ୱିପରେ ଯାଇ ଲିଫ୍‌ଲେଟ୍‌ସ୍ ବାଂଟିଛୁ । ଗୋଟିଏ ଦ୍ୱିପରେ ୩୦ ହଜାର୍ ଓ ଆଉ ଗୋଟିଏ ଦ୍ୱିପରେ ୨୦ ହଜାର୍ ବାଂଟିଛୁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ କି ଆପଣମାନଙ୍କୁ ବାରମ୍ବାର ଯିବା ଉଚିତ୍ । ସେହି ଦ୍ୱିପ ଗୁଡିକୁ ଯିବାର ବର୍ଷେ ହୋଇଗଲାଣି । ସେଠିକାର ଲୋକମାନଙ୍କୁ କଣ ମନେଥିବ କି ଏଠାକୁ କିଏ ଆସିଥିଲା ଓ ଆମକୁ ଲିଫ୍‌ଲେଟ୍‌ସ୍ ଦେଇଯାଇଥିଲା ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ଆପଣମାନେ ଟାର୍ଗେଟ୍ କରିବେ ତେବେ ଗୋଟିଏ ଦ୍ୱିପକୁ ଟାର୍ଗେଟ୍ କରନ୍ତୁ ଓ ସେଠାକୁ ବାରମ୍ବାର ଯାଆନ୍ତୁ । ଲଜ୍‌ନା, ଖୁଦାମ୍ ଓ ଅନ୍‌ସାର୍ ମାନଙ୍କ ସହିତ ପ୍ରେଗ୍ରାମ୍ ବନାନ୍ତୁ ଓ ପୁଣି ପାଳିକରି ସେଠାକୁ ଯାଆନ୍ତୁ ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ପାମ୍ଫ୍‌ଲେଟ୍‌ସ୍ ଓ ଲିଫ୍‌ଲେଟ୍‌ସର ବଂଟନ ହେବା ପରେ ନିୟମିତ ରୂପେ Follow up ହେବା ଉଚିତ୍ ନଚେତ୍ କିଛି ଲାଭ ନାହିଁ । ସେଇଥିଯୋଗୁ ବାରମ୍ବାର ଯିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଯଦି ପାମ୍ଫ୍‌ଲେଟ୍‌ସ ବଂଟନ କରିବା ସମୟରେ କେହି ବିରୋଧି ଆପଣଙ୍କୁ ଗାଳି ମଧ୍ୟ ଦେବ, ଏହାଦ୍ୱାରା ଆପଣମାନଙ୍କୁ ପୁଣ୍ୟ ମିଳିବ ।

ଆମେଲାର ଜଣେ ସଦସ୍ୟ କହିଲେ କି ମୁଁ ନିଜ ପରିବାର ସହିତ ମିଶି ଲିଫ୍‌ଲେଟ୍‌ସ୍ ବଂଟନ କରୁଛି । ଛୋଟ ପିଲା ମଧ୍ୟ ସାଥିରେ ରହୁଛି । ଲୋକମାନେ ଲିଫ୍‌ଲେଟ୍‌ସ୍ ନେଇ ବହୁତ ଖୁସି ଅନୁଭବ କରୁଛନ୍ତି । ଅର୍ଥାତ ଭଲ କାମ କରୁଛ ଓ ଏହି ଖୁସିରେ ପିଲାଙ୍କୁ ଆଇସ୍‌କ୍ରିମ୍ ଦେଉଛନ୍ତି ।

କାଏଦ୍ ସିହତ୍ ଜିସ୍‌ମାନି ବତାଇଲେ କି ବ୍ୟାଡ୍‌ମିଂଟନ୍ ଖେଳୁଛୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏଠାରେ ମଧ୍ୟ ଖେଳ ପ୍ରୋଗ୍ରାମ୍ ବନାନ୍ତୁ ଏବଂ ମାଲ୍‌ମୋରେ ମଧ୍ୟ ପ୍ରୋଗ୍ରାମ୍ ରଖନ୍ତୁ । ସେଠାରେ ତ ଏବେ ବହୁତ ବଡ଼ ସ୍ପୋର୍ଟ୍‌ସ୍ ହଲ୍ ତିଆରି କରାଯାଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଅନ୍‌ସାର୍ ଅନ୍‌ସାର ମାନଙ୍କ ଉପରେ ରୋବ୍ (ପ୍ରଭାବ) ପକାନ୍ତୁ । ଖୁଦାମ୍‌ଙ୍କ ଉପରେ ପକାନ୍ତୁ ନାହିଁ । ଆପଣମାନେ ନିଜେ ଅନୁଶୀଳନ କରନ୍ତୁ କି କିଏ ରୋବ୍ ପକାଉଛି । ବେଳେବେଳେ ଓ୍ୱହ୍‌ଦାଦାର୍ ନଥାନ୍ତି, ଅନ୍ୟମାନେ ଥାଆନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ବେଳେବେଳେ ଗୋଟିଏ କଥା ବଡ ଗମ୍ଭୀରତାର କରିବା ପରିବର୍ତେ ଏପରି କରାଯାଏ କି ତାହା ଅନ୍ୟକୁ ଚିଡାଇବା ଭଳି ଲାଗେ । ଏହାଦ୍ୱାରା ମନମାଳିନ୍ୟ ହୋଇଥାଏ ଓ ଦୂରତା ବଢ଼ିଥାଏ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏଠିକାର ପିଲା ଓ ଯୁବକ ମାନଙ୍କର ଚାଲିଚଳଣ ଅଲଗା ପ୍ରକାର । ସେଥିଯୋଗୁ ସେମାନଙ୍କ ସହିତ କଥା ହେବାବେଳେ ନମ୍ର ଆଚରଣ କରନ୍ତୁ । ଯଦି କଠୋରତା ସହିତ ଆଚରଣ କରିବେ ତେବେ ପିଲାମାନେ ଆପଣଙ୍କ ଠାରୁ ଦୂରେଇଯିବେ ବା ଯଦି ମାତ୍ରାଧିକ ନମ୍ର ବ୍ୟବହାର କରିବେ ତେବେ ମଧ୍ୟ ପିଲାମାନେ ଖରାପ ହୋଇଯିବେ । ସେଥିଯୋଗୁ ବାଲାନ୍‌ସ ବା ମଝାମଝି ପାର୍ଶ୍ୱକୁ ଗ୍ରହଣ କରନ୍ତୁ ।

ସଦର୍ ସାହେବ୍ ଅନ୍‌ସାରୁଲ୍ଲାଃ ବତାଇଲେ କି ଅନ୍‌ସାରୁଲ୍ଲାଃର ସ୍ଥାପନର ଯୁବୁଲି ପ୍ରସଙ୍ଗରେ ଆମେ ୭୫୦୦୦ ପାଉଣ୍ଡ୍‌ର ଅର୍ଥ ରାଶି ହଜୁର୍ ଅନୁଓ୍ୱର୍‌ଙ୍କ ସେବାରେ ଉପସ୍ଥାପନ କରିବାକୁ ଚାହୁଁଛୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହି ରାଶିକୁ ମସ୍‌ଜିଦ୍ ମେହ୍‌ମୁଦ୍ ମାଲ୍‌ମୋର ମସ୍‌ଜିଦ୍ ଫଣ୍ଡ୍‌ରେ ଦେଇଦିଅନ୍ତୁ ।

ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃଙ୍କ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଉକ୍ତ ମିଟିଂ ଦିନ ୧୨ଟାରେ ଶେଷ ହେଲା । ଶେଷରେ ଅନ୍‌ସାର୍‌ମାନେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଜଣକିଆ ଓ ଫ୍ୟାମିଲି ସାକ୍ଷାତ୍‌କାର୍**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ପହଂଚିଲେ । ଯେଉଁଠି ପ୍ରୋଗ୍ରାମ୍ ମୁତାବକ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସକାଳର ଏହି ଶେସନ୍‌ରେ ୨୩ଟି ଫ୍ୟାମିଲିର ୭୯ ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍ କରିବାକୁ ଆସିଥିବା ଲୋକମାନଙ୍କ ମଧ୍ୟରୁ ଗୋଥନ୍‌ବର୍ଗ୍‌ର ସ୍ଥାନୀୟ ଜମାତ୍ ବ୍ୟତୀତ ନର୍‌ୱେ, ଜର୍ମାନୀ ଏବଂ ପାକିସ୍ତାନ୍‌ରୁ ଆସିଥିବା କିଛି ସଦସ୍ୟ ମଧ୍ୟ ସାମିଲ୍ ଥିଲେ । ପ୍ରତ୍ୟେକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇଲେ । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ । ଛୋଟ ବୟସର ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ଦିନ ୧:୪୫ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଏବଂ ମିଶନ୍ ହାଉସ୍‌ର ବାହାର ଭାଗକୁ ଗୋଟିଏ ରାଉଣ୍ଡ୍ ବୁଲିଲେ ଓ ମସ୍‌ଜିଦ୍ ଚତୁଃପାର୍ଶ୍ୱରେ ଥିବା ଜମିର ପରିସୀମା ବିଷୟରେ ପଚାରି ବୁଝିଲେ । ଏହି ମସ୍‌ଜିଦ୍‌ଟି ଗୋଟିଏ ପାହାଡ ଉପରେ ଅବସ୍ଥିତ । ସେଥିଯୋଗୁ ଚାରିକୋଣରୁ ଏହାର ସୀମା ଅଲଗା ଅଲଗା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର କିଛି ପାର୍ଶ୍ୱରେ Fence ଲଗାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁରୁଷ ମାନଙ୍କ ଖାଇବା ପାଇଁ ଲଗାଯାଇଥିବା ଟେଂଟ୍ ଭିତରକୁ ପ୍ରବେଶ କଲେ ଓ ପାକଶାଳାକୁ ମଧ୍ୟ ଗଲେ । ଗୋଟିଏ ଟେଂଟ୍ ଲଗାଯାଇ ତା ଭିତରେ ଅସ୍ଥାୟୀ ରୂପେ ଗୋଟିଏ ବଡ଼ ଚୁଲି ରଖାଯାଇଥିଲା । ହଜୁର୍ ଅନୁଓ୍ୱର୍ ଯେତେବେଳେ ପଚାରିଲେ ଏହାର ଉତରରେ ମୁନ୍‌ତଜିମ୍ ମାନେ ବତାଇଲେ କି କାଉନ୍‌ସିଲ୍‌ରୁ ଅସ୍ଥାୟୀ ଅନୁମତି ହାସଲ କରାଯାଇଛି । ସେହିପରି ହଜୁର୍ ଅନୁଓ୍ୱର୍ ବିଭିନ୍ନ ସ୍ଥାନରେ ଥିବା ଚେକ୍‌ପୋଷ୍ଟ୍‌ର ମଧ୍ୟ ଜାଏଜା ନେଲେ ଯେଉଁଠି ଖୁଦାମ୍ ମାନେ ଡ୍ୟୁଟିରେ ଉପସ୍ଥିତ ଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ସମୟ ପାଇଁ ମୁବଲିଗ୍ ସିଲ୍‌ସିଲା ମୋକରମ୍ ଆଗା ଯେହିଆ ଖାନ୍ ସାହେବ୍‌ଙ୍କ ଘରକୁ ମଧ୍ୟ ଗଲେ । ଏହାପରେ ଠିକ୍ ଦୁଇଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ରେ ପହଂଚି ନମାଜ ଜୋହର୍ ଏବଂ ଅସର ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଇଗୋଟି ନିକାହ୍‌ର ଘୋଷଣା କଲେ ।

ଖୁତ୍‌ବା ନିକାହ୍

ହଜୁର୍ ଅନୁଓ୍ୱର୍ ଅ:ବ:ଅ ତଶହୁଦ୍ ଏବଂ ତଉଜ ଓ ନିକାହ୍ ନିମନ୍ତେ ଧାର୍ଯ୍ୟ ହୋଇଥିବା ମସ୍‌ନୁନା ଆୟତ୍ ଗୁଡିକ ପାଠ କରିବା ପରେ କହିଲେ-

ବର୍ତମାନ୍ ମୁଁ ଦୁଇଗୋଟି ନିକାହ୍‌ର ଘୋଷଣା କରିବି । ନିକାହ୍ ଓ ବିବାହ ଯେଉଁଠି ପୁଅ ଓ ଝିଅମାନଙ୍କ ପାଇଁ ଏବଂ ଦୁଇଟି କୁଟୁମ୍ବ ପାଇଁ ଖୁସିର ଅବସର ସେଠାରେ କିଛି ଦାୟିତ୍ୱ ମଧ୍ୟ ତାଙ୍କ ଉପରେ ରହିଛି । ସେଇଥିପାଇଁ ଏହି ଆୟତ ଗୁଡିକରେ ଯାହା ନିକାହ୍ ଅବସରରେ

ତିଲାୱ୍ତ୍ କରାଯାଉଛି ଅଲ୍ଲାଃତାଲା ବାରମ୍ବାର ସେଥିରେ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି କି ତକ୍ୱାରେ କାମ ନିଅ । ନିଜ ବନ୍ଧୁବାନ୍ଧବଙ୍କ ଅଧିକାର ପ୍ରଦାନ କରିବା ପାଇଁ ତକ୍ୱାରେ କାମ ନିଅ ଏବଂ ଅନ୍ୟ ବନ୍ଧୁବାନ୍ଧବଙ୍କର ଅଧିକାର ପ୍ରଦାନ କରିବା ନିମନ୍ତେ ତକ୍ୱାରେ କାମ ନିଅ । ଆପୋଷରେ ଭରଷା ସୃଷ୍ଟି କରିବା ପାଇଁ ତକ୍ୱାରେ କାମ ନିଅ । ଯେଉଁକଥା ସ୍ୱାମୀ ଓ ସ୍ତ୍ରୀ କରିବେ ସେଥିରେ ସତ୍ୟତାକୁ ଗ୍ରହଣ କରନ୍ତୁ ଓ ସତ୍ୟତାର ସୂକ୍ଷ୍ମରୁ ସୂକ୍ଷ୍ମ ମାର୍ଗ ଭିତରକୁ ଯାଆନ୍ତୁ କାରଣ ଏହା ଏକ ମାଧ୍ୟମ ଅଟେ । ଯଦି ସତ୍ୟତା ରହିବ ତେବେ ବନ୍ଧୁତ୍ୱରେ ଭରଷା କାଏମ୍ ହେବ । ଯଦି ବନ୍ଧୁତ୍ୱରେ ଭରଷା କାଏମ୍ ରହିବ ତେବେ ଏହି ବନ୍ଧୁ ସବୁବେଳ ପାଇଁ ତିଷ୍ଠି ରିହବ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ପୁଣି ଅଲ୍ଲାଃତାଲା କହୁଛନ୍ତି କି ତକ୍ୱା ସହିତ କାର୍ଯ୍ୟ କରନ୍ତୁ ଏବଂ ଏହା ଦେଖନ୍ତୁ କି ତୁମେ ଆସନ୍ତା କାଲି ପାଇଁ କଣ ପ୍ରସ୍ତୁତ ରଖିଛ । ନିଜ ଭବିଷ୍ୟତ ଉପରେ ଦୃଷ୍ଟିଦିଅ । ଏ ସଂସାରରେ ମଧ୍ୟ ନିଜ କର୍ମ ଉପରେ ଦୃଷ୍ଟି ରଖ ଯେ ତୁମର କାର୍ଯ୍ୟକଳାପ କିପରି ଅଛି । କଣ ଏହାଦ୍ୱାରା ଅଲ୍ଲାଃତାଲାଙ୍କ ସାନିଧ୍ୟ ଓ ପ୍ରସନ୍ନତା ଲାଭ କରୁଛ ଯାହା ଆସନ୍ତା ଜୀବନରେ କାମରେ ଆସିବ ? ଓ ଏକଥାରେ ମଧ୍ୟ ଦୃଷ୍ଟି ଦିଅ କି ଯେଉଁ ସନ୍ତାନ ଜନ୍ମ ହେବେ ଓ ଯେଉଁମାନେ ଆସନ୍ତା ପିଢ଼ୀ ହେବେ ତାଙ୍କ ମଧ୍ୟରେ ଦୀନ୍ କାଏମ୍ ରହିଛି ବା ନାହିଁ ? ଯଦି ନିଜର କାର୍ଯ୍ୟ ଏପରି ହେବ ଅର୍ଥାତ୍ ଦୀନ୍ ମୁତାବକ ଅମଲ କରୁଥିବ, ଦୀନ୍‌ର ଶିକ୍ଷା ଉପରେ ପରିଚାଳିତ ହେଉଥିବ ତେବେ ଆସନ୍ତା ପିଢ଼ୀ ଉପରେ ମଧ୍ୟ ଏହାର ପୁଣ୍ୟ ପ୍ରଭାବ ରହିବ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ପୁଣି କହିଲେ- ସୁତରାଂ ପ୍ରତ୍ୟେକ ହୁକୁମ୍ ଯାହା ଏହି ଆୟତ ଗୁଡିକରେ ଦିଆଯାଇଛି, ଯାହାର ସାରାଂଶ ମୁଁ ବର୍ତମାନ ବତାଇଲି, ଏଥିରେ ଅଲ୍ଲାଃତାଲା କେବଳ ଖୁସି ପାଳନ କରିବା ପାଇଁ କହିନାହିଁ ବରଂ ଏହି ଖୁସିରେ ନିଜର ଦାୟିତ୍ୱ ଗୁଡିକୁ ବୁଝିବା ଓ ସେଗୁଡିକୁ ପାଳନ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଇଛି । ତେଣୁ ଯଦି ଏହି ସବୁ କଥା ଗୁଡିକ କାଏମ୍ କରାଯାଏ ତେବେ ଅଲ୍ଲାଃତାଲାଙ୍କ କୃପାବଳରୁ ବନ୍ଧୁ ସଦାବେଳେ ପରିଚାଳିତ ହୋଇଥାଏ ଓ ଆସନ୍ତା ପିଢ଼ୀ ମଧ୍ୟ ପୁଣ୍ୟବାନ୍ ଓ ସଂସ୍କାରୀ ହୋଇଥାନ୍ତି ଓ ଏହା ହେଉଛି ଜଣେ ମୋମିନ୍‌ର କାର୍ଯ୍ୟ କି ନିଜକୁ ଦୀନ୍ ସହିତ ଯୋଡ଼ନ୍ତୁ ଓ ନିଜ ପିଢ଼ୀକୁ ମଧ୍ୟ ଦିନ୍ ସହିତ ଯୋଡ଼ି ରଖନ୍ତୁ । ଏପରି ନହେଉ କି ସାଂସାରିକ ମାୟାମୋହ ପ୍ରତି ଅଧିକ ପରିଚାଳିତ ହୁଅନ୍ତୁ ଓ ଝିଅ ତରଫରୁ ଏବଂ ପୁଅ ତରଫରୁ କୌଣସି ଡିମାଣ୍ଡ୍ କରାଯାଉ । ଯେପରି ପୁଅ ଏହା ନକହୁ କି ଝିଅର ସୁନ୍ଦରତା ମୋ ସ୍ତର ମୁତାବକ ନାହିଁ । କାରଣ ବେଳେବେଳେ ବିବାହ ପରେ ମଧ୍ୟ ଏକଥା ପ୍ରକାଶ କରାଯାଏ । ତେଣୁ ଏ ସବୁ ଜିନିଷକୁ ଦେଖିବା କଥା ନୁହେଁ । ଆଁ ହଜ୍‌ରତ୍ ସ:ଆ:ସ ଯେଉଁ ଜିନିଷ ଗୁଡକୁ ଦେଖିବା ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି ତାହା ହେଉଛନ୍ତି ଏପରି କି ଝିଅର ଦୀନ୍‌କୁ ଦେଖ ଓ ଦୀନ୍‌କୁ ଦେଖିବା ପାଇଁ ହେଲେ ଏହା ଜରୁରୀ ଅଟେ କି ପୁଅ ମଧ୍ୟ ଦୀନ୍‌ଦାର୍ (ଧାର୍ମୀକ) ହୋଇଥିବ । ତେଣୁ ଦୁଇପଟେ ଏ ଦାୟିତ୍ୱ ରହିଛି । ଯଦି ଦୀନ୍ ଉପରେ ଦୃଷ୍ଟି ରଖିବେ ତେବେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାଳବୀ ଗୁଡିକ ଉପରେ ମଧ୍ୟ ଦୃଷ୍ଟି ରହିବ ଏବଂ ଅଲ୍ଲାଃଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ଯେବେ ଦୃଷ୍ଟି ରହିବ ତେବେ ତାର ଉଦ୍ଦେଶ୍ୟକୁ ହାସଲ କରିବା ବାଲା ହେବେ, ଯାହା ହେଉଛି ଆମ ଜୀବନର ଅସଲ ଲକ୍ଷ୍ୟ ଓ ଆସନ୍ତା ପିଢ଼ୀମାନଙ୍କ ପାଇଁ ମଧ୍ୟ ଏକ ଉତମ ସଂସାରକୁ ଛାଡ଼ି ଯିବାବାଲା ହେବା । ଏ ଦୁନିଆ କେବଳ ଧନସମ୍ପତି ଓ ଆରାମ ଓ ସହଜ ପାଇଁ ନୁହେଁ । ସଫଳତା ସେ ସମୟରେ ମିଳିଥାଏ ଯେବେ ଏହି ଦୁନିଆରେ ମଧ୍ୟ ହୃଦୟକୁ ଶାନ୍ତି ମିଳିଥାଏ । ତେଣୁ ପ୍ରତ୍ୟେକଙ୍କୁ ହୃଦୟର ଶାନ୍ତି ଖୋଜିବା ଉଚିତ୍ । ଅଲ୍ଲାଃ କରନ୍ତୁ କି ଏହି କାଏମ୍ ହୋଇଥିବା ବନ୍ଧୁ ପ୍ରତ୍ୟେକ କ୍ଷେତ୍ରରୁ ବାବର୍‌କତ୍ ହେଉ ଓ ଜଣେ ଅନ୍ୟଜଣକର ଅଧିକାର ଧ୍ୟାନ ରଖିବା ବାଲା ହେଉ ଓ ସେ ଅଧିକାରକୁ ପ୍ରଦାନ କରିବା ବାଲା ହେଉ ।

ଖୁତ୍‌ବା ନିକାହ୍ ପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ନିମ୍ନଲିଖିତ ଏହି ଦୁଇଟି ନିକାହ୍‌ର ଘୋଷଣା କଲେ ।

(୧)ଅଜିଜା ଅନ୍‌ଅମ୍ ଚିମା ସୁପୁତ୍ରୀ ମୋକରମ୍ ଖାଲିଦ୍ ମେହ୍‌ମୁଦ୍ ଚିମା ସାହେବ୍ (ଷ୍ଟକ୍‌ହୋମ୍)ର ନିକାହ୍ ଅଜିଜମ୍ ଉସାମା ସଲିମ୍ (ୱ୍ାକିଫେନୌ) ସୁପୁତ୍ର ମୋକରମ୍ ମହମ୍ମଦ୍ ସଲିମ୍ ସାହେବ୍ ମର୍‌ହୁମ୍ (ଗୋଥନ୍‌ବର୍ଗ)ଙ୍କ ସହିତ ନିର୍ଦ୍ଧାରିତ ହେଲା ।

(୨)ଅଜିଜା ସହର୍ ଏହ୍‌ସାନୁଲ୍ଲାଃ ସୁପୁତ୍ରୀ ମୋକରମ୍ ଏହ୍‌ସାନୁଲ୍ଲାଃ ସାହେବ୍ (ମାଲ୍‌ମୋ)ଙ୍କ ନିକାହ୍ ଅଜିଜମ୍ ଶହ୍‌ରିଆର୍ ଜାୱ୍ୱେଦ୍ ସୁପୁତ୍ର ମୋକରମ୍ ଜାୱ୍ୱେଦ୍ ଇକ୍‌ବାଲ୍ ସାହେବ୍ (ମାଲ୍‌ମୋ)ଙ୍କ ସହିତ ନିର୍ଦ୍ଧାରିତ ହେଲା ।

ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ କି ଏହି ରିସ୍ତା ବାବର୍‌କତ୍ ହେବାପାଇଁ ଦୁଆ କରନ୍ତୁ । ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଦୁଆ କରାଇଲେ ଓ ଦୁଇପକ୍ଷଙ୍କ ସହିତ କରମର୍ଦ୍ଦନ କରିବା ପାଇଁ ସୁଯୋଗ ଦେଲେ ।

ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଜଣକିଆ ଓ ଫ୍ୟାମିଲି ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ଠିକ୍ ୬ ଟା ସମୟରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଆସିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାର ଏହି ଶେସନ୍‌ରେ ୧୫ ଟି ଫ୍ୟାମିଲିରୁ ୬୦ ଜଣ ଲୋକ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍‌କାର୍ କରିବା ପାଇଁ ଆସିଥିବା ଫ୍ୟାମିଲି ଗୁଡିକର ସମ୍ପର୍କ ଗୋଥନ୍‌ବର୍ଗ୍ ଜମାତ୍ ସହିତ ଥିଲା । ସମସ୍ତ ଫ୍ୟାମିଲି ଓ ସଦସ୍ୟମାନେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତକଲେ । ହଜୁର୍ ଅନୁୱ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟଛୋଟ ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୭:୦୫ ପର୍ଯ୍ୟନ୍ତ ଜାରି ରହିଲା ।

**ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଜମାତ୍ ଅହେମଦୀୟା ସ୍ୱିଡେନ୍‌ଙ୍କ ସହିତ ମିଟିଂ**

ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ମିଟିଂ ହଲ୍‌ରେ ପଦାର୍ପଣ କଲେ ଓ ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଜମାତ୍ ଅହେମଦୀୟା ସ୍ୱିଡେନ୍‌ର ହଜୁର୍ ଅନୁୱ୍ୱର୍‌ଙ୍କ ସହିତ ମିଟିଂ ଆରମ୍ଭ ହେଲା । ହଜୁର୍ ଦୁଆ କରାଇଲେ ।

ଜେନେରାଲ୍ ସେକ୍ରେଟାରୀ ସାହେବ୍‌ଙ୍କୁ ହଜୁର୍ ଅନୁୱ୍ୱର୍ ଅ:ବ:ଅ ପଚାରିବାରୁ ସେ ବତାଇଲେ କି ଆମର ପାଂଚୋଟି ଜମାତ୍ ଅଛି ଓ ସମସ୍ତେ ଆକ୍ଟିଭ୍ ଅଛନ୍ତି ଓ ନିଜ ନିଜର ରିପୋର୍ଟ୍ ମଧ୍ୟ ପଠାଉଛନ୍ତି ।

ଏହାପରେ ସେକ୍ରେଟାରୀ ତେହ୍‌ରିକ୍ ଜଦିଦ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ୧୦୦୨ ତଜ୍‌ନିଦ୍ ମଧ୍ୟରୁ ୮୬୨ ଚାନ୍ଦା ତହ୍‌ରିକ୍ ଯଦିଦ୍‌ରେ ସାମିଲ୍ ଅଛନ୍ତି ଏବଂ ପାଂଚ ଲକ୍ଷ୍ୟ ଅଠଷଠୀ ହଜାର ଅଠାଅଶୀ କ୍ରୋନର୍ ତହ୍‌ରିକ୍ ଯଦିଦ୍‌ର ଚାନ୍ଦା ଜମା ହୋଇଛି । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଆପଣ ଟଙ୍କା ବଢ଼ାଇବା ପାଇଁ ଚିନ୍ତା କରନ୍ତୁ ନାହିଁ । ବରଂ ଚାନ୍ଦା ଦେବାବାଲାଙ୍କ ସଂଖ୍ୟାକୁ ବଢ଼ାନ୍ତୁ । ଯେଉଁମାନେ ଏପର୍ଯ୍ୟନ୍ତ ଚାନ୍ଦା ତହ୍‌ରିକ୍ ଯଦିଦ୍‌ରେ ସାମିଲ୍ ନାହାଁନ୍ତି ସେ ସମସ୍ତଙ୍କୁ ସାମିଲ୍ କରିବା ପାଇଁ ଚେଷ୍ଟା କରନ୍ତୁ । ଖୁଦାମ୍ ଓ ଅନ୍‌ସାର୍‌ଙ୍କ ଠାରୁ ତହ୍‌ରିକ୍ ଯଦିଦ୍‌ର ୱ୍ାଦା ନେବାପାଇଁ ଏହି ଦୁଇଗୋଟି ତନ୍‌ଜିମ୍‌ର ସାହାଯ୍ୟ ନିଅନ୍ତୁ ଓ ଲଜ୍‌ନାଙ୍କ ନିମନ୍ତେ ଲଜ୍‌ନାଙ୍କ ଠାରୁ ସାହାଯ୍ୟ ନିଅନ୍ତୁ । ସେଇଥିପାଇଁ ଏହି ତନ୍‌ଜିମ୍ ଗୁଡିକର ଆମଲାରେ ୱ୍ାକ୍‌ଫେ ଯଦିଦ୍ ଏବଂ ତହ୍‌ରିକ୍ ଯଦିଦ୍‌ର ବିଭାଗ ରଖାଯାଇଛି ।

ସେକ୍ରେଟାରୀ ତବ୍‌ଲିଗ୍ ହଜୁର୍ ଅନୁୱ୍ୱର୍‌ଙ୍କ ପଚାରିବାରେ ଏହା ବତାଇଲେ କି ବିଗତ ଦଶବର୍ଷରେ ଆମର ୨୧ଟି ବୟତ ହୋଇଛି । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ କି ତବ୍‌ଲିଗ୍ ବିଭାଗର ବଜେଟ୍ କେତେ ଅଛି ? ପୁଣି ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ କି ପ୍ରତ୍ୟେକ ବିଭାଗର ନିଜର ବଜେଟ୍ ହେବା ଉଚିତ୍ । ବିଭାଗର କାମ ଅନୁସାରେ ବଜେଟ୍ ରହିବା ଉଚିତ୍ । ତବ୍‌ଲିଗ୍ କାର୍ଯ୍ୟପାଇଁ ଅତିକମ୍‌ରେ ଏକ ମିଲିଅନ୍ ବଜେଟ୍ ହେବା ଉଚିତ୍ । ପ୍ରତ୍ୟେକ ବିଭାଗର ବଜେଟ୍ ଶୁରାରେ ଉପସ୍ଥାପନ ହେଉ ଏବଂ ଏ ବିଷୟରେ ସେଠାରେ ଆଲୋଚନା କରାଯାଉ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ କି ତବ୍‌ଲିଗ୍ ବିଭାଗ ଅନ୍ତର୍ଗତ ଆପଣଙ୍କ ଗସ୍ତ ରହିଛି, ଯୋଗାଯୋଗ କାର୍ଯ୍ୟକ୍ରମ ରହିଛି, ମିଟିଂ ଅଛି, ତବ୍‌ଲିଗ୍ ସେମିନାର୍ ରହିଛି ଓ ଅନ୍ୟାନ୍ୟ ପ୍ରୋଗ୍ରାମ୍ ମଧ୍ୟ ଅଛି । ଇସ୍ତେହାର୍ ଅଛି, ଲିଫ୍‌ଲେଟ୍‌ସ୍ ଏବଂ ବୁକ୍ ଷ୍ଟଲ୍ ଇତ୍ୟାଦି କାମ ଅଛି । ଏହି କାମର ପରିସୀମା ବହୁତ ବ୍ୟାପକ । ସେଇଥିପାଇଁ ଯାହା ବଜେଟ୍ ବନାଇବେ ତାକୁ ଆଗକୁ ବ୍ରେକ୍ ଡାଉନ୍ କରିବେ ଓ ପୁଣି କାମ କରିବେ ।

ହଜୁର୍ ଅନୁୱ୍ୱର୍ ପୁଣି କହିଲେ କି ଇସ୍ତେହାର୍ ଦିଅନ୍ତୁ । ବଡ ବଡ ସହରରେ ବର୍ଷକରେ ଚାଳିଶି ହଜାର କ୍ରୋନର୍ ଖର୍ଚ୍ଚ ହେବ । ଇସ୍ତେହାର ଜରିଆରେ ଅତି କମ୍‌ରେ ପରିଚୟ ତ ହୋଇଯିବ । ତେଣୁ ଇସ୍ତେହାର ଦିଅନ୍ତୁ । ଲୋକମାନଙ୍କୁ ଏହା ଦ୍ୱାରା ଜଣାପଡୁ କି ଆପଣ କିଏ ବୋଲି । ନିଜର ପରିଚୟ ଦେବାପାଇଁ ନୁଆ ନୁଆ ଶୈଳୀ ଆପଣାଇବାକୁ ହେବ । ଥରେ ସମ୍ପୂର୍ଣ୍ଣ ରୂପେ ତଥ୍ୟ ସହିତ ଯୁକ୍ତି କରି ନିଅନ୍ତୁ । ବାକି ଅଲ୍ଲାଃଙ୍କ ଉପରେ ଛାଡ଼ି ଦିଅନ୍ତୁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ କି ତବ୍‌ଲିଗ୍ ପାଇଁ ଟ୍ରାଭେଲିଂ ତବ୍‌ଲିଗ୍ ବଜେଟ୍‌ରେ ରହିବ । ଚାନ୍ଦା ଆଦାୟ ପାଇଁ ମାଲ୍ ବଜେଟ୍‌ରେ ଓ ତର୍‌ବିୟତି ପ୍ରୋଗ୍ରାମ୍ ପାଇଁ ତର୍‌ବିୟତ୍ ବଜେଟ୍‌ରେ ରହିବ ।

ହଜୁର୍ ଅନୁୱ୍ୱର୍ ସେକ୍ରେଟାରୀ ୱ୍ାକ୍‌ଫେ ଯଦିଦ୍ ବରାଏ ନୌମୁବାଇନ୍‌କୁ ପଚାରିଲେ କି ବିଗତ ଦଶବର୍ଷ ମଧ୍ୟରେ ଯେଉଁ ନୌମୁବାଇନ୍ ଅଛନ୍ତି ସେମାନଙ୍କ ଭିତରୁ କେତେ ଏପରି ଅଛନ୍ତି, ଯାହାଙ୍କ ସହିତ ଆପଣମାନଙ୍କର ଯୋଗାଯୋଗ ରହିଛି ? ଏଥିରେ ସେକ୍ରେଟାରୀ ବତାଇଲେ କି ସମସ୍ତଙ୍କ ସହିତ ଯୋଗାଯୋଗ ସମ୍ପର୍କ ଅଛି । କେବଳ ଦୁଇଜଣଙ୍କ ବ୍ୟତୀତ, ଯେଉଁମାନେ ବିବାହ କରି ଅହେମଦୀ ହୋଇଥିଲେ । ବିବାହ ଶେଷ ହେବା ପରେ ପୁଣି ଚାଲିଗଲେ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ କି ଆମ୍‌ଲାର ସଦସ୍ୟମାନଙ୍କୁ ଜଣକ ପିଛା ଗୋଟିଏ ଗୋଟିଏ ବୟତ କରିବା ପାଇଁ ଟାର୍ଗେଟ୍ ଦିଅନ୍ତୁ ଓ ମୁରବୀ ମାନଙ୍କ ନିମନ୍ତେ ଦୁଇ ଦୁଇଟି ବୟତ୍ ପାଇଁ ଟାର୍ଗେଟ୍ ଦିଅନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ତବ୍‌ଲିଗ୍ ପାଇଁ ଇସ୍ତେହାର୍ ଦିଅନ୍ତୁ, ଖବରକାଗଜ ଗୁଡ଼ିକ ସହିତ ଯୋଗାଯୋଗ ରଖନ୍ତୁ ଏବଂ ନୁଆ ନୁଆ ମାର୍ଗ ବାହାର କରନ୍ତୁ ।

ସେକ୍ରେଟାରୀ ଉମୁରେ ଖାରଜାକୁ ହିଦାୟତ୍ ଦେଇ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ପ୍ରେସ୍ ଓ ମିଡ଼ିଆ ସହିତ ଆପଣଙ୍କର ଯୋଗାଯୋଗ ରହିବା ଉଚିତ୍ । କୌଣସି କାର୍ଯ୍ୟପନ୍ଥା ବନାଇବେ ତେବେ ଦ୍ୱିତୀୟ ପିଢ଼ୀ ଆପଣଙ୍କଠାରୁ ଆହୁରି ଭଲ ପ୍ରୋଗ୍ରାମ୍ ବନାଇବେ । ତେଣୁ ବର୍ଷଯାକର କାର୍ଯ୍ୟ କରିବାର ଯୋଜନା ବନାନ୍ତୁ । ପାଂଚବର୍ଷର ଯୋଜନା ବନାନ୍ତୁ ।

ଏଠି ୩୪୯ ପାର୍ଲିଆମେଂଟେରିଅନ୍ ଅଛନ୍ତି । ସେମାନଙ୍କ ମଧ୍ୟରୁ ଛଅ ସାତ ଜଣଙ୍କ ସହିତ ଆପଣମାନଙ୍କର ସମ୍ପର୍କ ଅଛି । ତେଣୁ ଅନ୍ୟମାନଙ୍କ ସହିତ ମଧ୍ୟ ସମ୍ପର୍କ ରଖନ୍ତୁ । ଉମୁରେ ଖାରଜାର ଗୋଟିଏ ଟିମ୍ ବନାନ୍ତୁ ଓ ଯୁବଗୋଷ୍ଠୀକୁ ନିଜ ସହିତ ରଖନ୍ତୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ତର୍‌ବିୟତ୍‌ଙ୍କୁ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଆପଣଙ୍କ ବିଭାଗ ବହୁତ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଟେ । ଆପଣଙ୍କର ତର୍‌ବିୟତ୍ ଯଦି ହୋଇଯିବ ତେବେ ଆପଣ ସମସ୍ତଙ୍କର ସମସ୍ୟା ମଧ୍ୟ ସମାଧାନ ହୋଇଯିବ । ତେଣୁ ଜାଏଜା ନିଅନ୍ତୁ କି କେତେଜଣଙ୍କ ଘରେ ଡିସ୍ ଆଂଟିନା ଲଗାଯାଇଛି । ପ୍ରତ୍ୟେକଙ୍କୁ ଏମ୍.ଟି.ଏ ସହିତ ଯୋଡ଼ି ରଖନ୍ତୁ । ନମାଜ କାଏମ୍ କରିବା ପ୍ରତି ଧ୍ୟାନ ଆକର୍ଷଣ କରାନ୍ତୁ ଏବଂ ପବିତ୍ର କୋରାନ୍‌ର ତିଲୱ୍ୱତ୍ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ତର୍‌ବିୟତି ପ୍ରୋଗ୍ରାମ୍ ବନାନ୍ତୁ । ସମସ୍ତଙ୍କୁ ଆକ୍ଟିଭ କରନ୍ତୁ । ଯେଉଁ ଲୋକମାନଙ୍କର ମାଲି କୁର୍ବାନୀ ଓ ଚାନ୍ଦ ପ୍ରଦାନ କରିବା ପ୍ରତି ଧ୍ୟାନ ନାହିଁ ଏଂ ସେଥିପାଇଁ ସେମାନେ କମ୍ ଚାନ୍ଦା ଦେଉଛନ୍ତି ସେମାନଙ୍କୁ ଧ୍ୟାନ ଆକର୍ଷଣ କରାନ୍ତୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ସମୟି ଓ ବସରି (ଶୁଣିବା ଓ ଦେଖିବା) ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ବିଗତ ଚାରିମାସ ହେବ ଗୋଟିଏ ଡକ୍ୟୁମେଂଟାରୀ ଉପରେ କାମ ଚାଲିଛି । ସେହିପରି ୱେବ୍‌ସାଇଟ୍‌ରେ କିଛି ପ୍ରୋଗ୍ରାମ୍ ଓ ଇଂଟରଭ୍ୟୁ ଦିଆଯାଇଛି ।

ହଜୁର୍ ଅନୁୱର୍ 'ଇସ୍‌ଲାହି କମିଟି' ପ୍ରସଙ୍ଗରେ ପଚାରି ବୁଝିଲେ କି ଏହି କମିଟି କଣ ସବୁ କାର୍ଯ୍ୟ କରୁଅଛି । ସେକ୍ରେଟାରୀ ତର୍‌ବିୟତ୍ ହେଉଛି ଏହି କମିଟିର ଚେୟାର୍‌ମ୍ୟାନ୍ । କିନ୍ତୁ ତାଙ୍କୁ ଜଣାନାହିଁ, ଏହି କମିଟିଟି ତିଆରି ହେବାର ଗୋଟିଏ ବର୍ଷ ବିତିଗଲାଣି । ସେକ୍ରେଟାରୀ ତର୍‌ବିୟତ୍ ତ ଏହି ବିଷୟରେ ଜାଣିବା ଉଚିତ୍ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ତାଲିମ୍‌ଙ୍କୁ ହଜୁର୍ ଅନୁୱର୍ ଅ:ବ:ଅ ପଚାରିଲେ କି କଣ ଆପଣ ଜାଣିଛନ୍ତି କେତେ ବିଦ୍ୟାର୍ଥୀ ଅଛନ୍ତି ଯେଉଁମାନେ ୟୁନିଭର୍‌ସିଟି ଓ କଲେଜ୍ ଗୁଡିକୁ ବିଦ୍ୟା ଅଧ୍ୟୟନ ପାଇଁ ଯାଉଛନ୍ତି ।

ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଖୁଦାମ୍ ଓ ଲଜ୍‌ନାଙ୍କ ସହିତ ମିଶି ବିଦ୍ୟାର୍ଥୀଙ୍କର ଡାଟା ନିଅନ୍ତୁ। ଓ ନିଜର ରେକର୍ଡ୍‌କୁ ସମ୍ପୂର୍ଣ୍ଣ କରନ୍ତୁ । ଖୁଦାମ୍ ଓ ଲଜ୍‌ନାଙ୍କ ଶିକ୍ଷାର୍ଥୀମାନଙ୍କର ଆସୋସିଏସନ୍ ବନାନ୍ତୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ୱକ୍‌ଫେନୌଙ୍କୁ ନିର୍ଦ୍ଦେଶ ଦେଇ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣମାନେ ସିଲାବସ୍ ବନାଇଛନ୍ତି । ନିଜ ପ୍ରୋଗ୍ରେସ୍ ରିପୋର୍ଟ୍‌କୁ ପ୍ରତ୍ୟେକ ମାସ ପଠାନ୍ତୁ । ଯେଉଁ ସିଲାବସ୍ ପ୍ରସ୍ତୁତ କରିଛନ୍ତି ତାହା ଲଜ୍‌ନାକୁ ମଧ୍ୟ ଦିଅନ୍ତୁ ସେମାନେ ନିଜେ ନିଜର କ୍ଲାସ୍ ଲଗାଇବାର ବ୍ୟବସ୍ଥା କରିବେ । ଯଦି ଲଜ୍‌ନାମାନେ ଏହା ଭାବୁଛନ୍ତି କି ତାଙ୍କୁ ମୁରବୀ ମାନଙ୍କର ସାହାଯ୍ୟ ନେବାର ଆବଶ୍ୟକ ରହିଛି ବୋଲି ତେବେ ସେମାନେ ମୁରବୀ ମାନଙ୍କଠାରୁ ସାହାଯ୍ୟ ନେଇପାରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ୱାକିଫିନେନୌଙ୍କ ପ୍ରୋଗ୍ରାମ୍ ଗୁଡିକ କରିବାର ଦାୟିତ୍ୱ ହେଉଛି ସେକ୍ରେଟାରୀ ୱକ୍‌ଫେ ନୌଙ୍କର । ଏହା ମୁରବୀମାନଙ୍କର ନୁହେଁ । ମୁରବୀ ମାନଙ୍କର ଅନ୍ୟ ସବୁ କାମ ରହିଛି, ଯେପରିକି ତବ୍‌ଲିଗ୍ ଓ ତର୍‌ବିୟତ୍‌ର କାର୍ଯ୍ୟ କିନ୍ତୁ ଆପଣମାନେ ନିଜ ପ୍ରୋଗ୍ରାମ୍ ଗୁଡିକରେ ତାଙ୍କଠାରୁ ସାହାଯ୍ୟ ନେଇପାରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏବେ ତ ୨୧ ବର୍ଷ ବୟସ ପିଲାଙ୍କ ପାଇଁ ସିଲାବସ୍ ମଧ୍ୟ ଆସିଯାଇଛି । ଏହି ସିଲାବସ୍‌କୁ ଲଜ୍‌ନାକୁ ମଧ୍ୟ ଦିଅନ୍ତୁ ଓ ସଦର୍ ଲଜ୍‌ନା ନିଜର ସାହାଯ୍ୟକାରୀ ସଦର୍‌ଙ୍କ ମାଧ୍ୟମରେ ୱାକିଫାତେ ନୌଙ୍କ କ୍ଲାସ୍ ଲଗାଇବାର ବ୍ୟବସ୍ଥା କରିବେ । ଏବେ ଏମାନେ ବଡ ବୟସର ଝିଅପିଲା ହୋଇଗଲେଣି । ତେଣୁ ନିଜ କ୍ଲାସ୍ ଲଗାଇବା ଓ ପ୍ରୋଗ୍ରାମ୍ ଗୁଡିକ ଲଗାଇବାରେ ସେମାନେ ସ୍ୱାଧୀନ । ଯଦି ମୁରବୀ ସିଲ୍‌ସିଲା ବା ଅମୀର୍ ତାଙ୍କ ପ୍ରୋଗ୍ରାମ୍ ଗୁଡିକରେ ବା ତାଙ୍କ କ୍ଲାସ୍ ଗୁଡିକରେ କୌଣସି ଅଭିଭାଷଣ ଦେବାକୁ ଚାହାଁନ୍ତି ତେବେ ପର୍ଦ୍ଦାର ପଛରେ ରହି ଦେବେ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ୱକ୍‌ଫେନୌ, ଲଜ୍‌ନାଙ୍କ ଠାରୁ ୱାକିଫାତେନୌଙ୍କ କାର୍‌ଗୁଜାରୀ ରିପୋର୍ଟ୍ ନେଇ ନିଅନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଗୋଟିଏ ତ ହେଉଛି ୱାକିଫିନେ ନୌ କିନ୍ତୁ ୱାକିଫାତେ ନୌ ୧୫ ବର୍ଷ ବୟସରେ ପହଂଚିଲେ ନିଜର ୱକ୍‌ଫ୍ ଫର୍ମ୍‌କୁ ପୂରଣ କରିବେ ଏବଂ ପୁଣି ଯେବେ ୟୁନିଭର୍‌ସିଟିରୁ ବା ନିଜ ପାଠପଢ଼ାରୁ ରହିତ ହେବେ, ପୁନର୍ବାର ନିଜର ୱକ୍‌ଫ୍ ଫର୍ମ୍‌କୁ ପୂରଣ କରି ପଠାନ୍ତୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ୱକ୍‌ଫେ ନୌ ବତାଇଲେ କି ୱାକିଫିନ୍‌ଙ୍କର ମୋଟ ସଂଖ୍ୟା ହେଉଛି ୧୨୨ । ସେଥିମଧ୍ୟରୁ ୧୯ ଜଣ ହେଉଛନ୍ତି ଖୁଦାମ୍ ଓ ୨୬ ଜଣ ଲଜ୍‌ନା ଅଛନ୍ତି । ୨୧ ଜଣ ଅତ୍‌ଫାଲ୍ ଓ ୧୬ ଜଣ ନାସ୍‌ରାତ୍ ଅଛନ୍ତି । ବାକି ୪୦ ଜଣ କମ୍ ବୟସର ପୁଅ ଝିଅ ଅଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ରିସାଲା ''ଇସ୍‌ମାଇଲ୍'' (ପତ୍ରିକା) ଏବଂ ''ମରିୟମ୍'' (ପତ୍ରିକା) ମଗାନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ନିଜର ନିୟମିତ ଗୋଟିଏ ବଜେଟ୍ ବନାନ୍ତୁ । ତା ମାଧ୍ୟମରେ ଏହି ସବୁ ପତ୍ରିକା ଗୁଡିକ ମଗାନ୍ତୁ । ଯେଉଁମାନଙ୍କୁ ଉର୍ଦ୍ଦୁ, ଇଂରାଜୀ ଭାଷା ଆସୁନାହିଁ ସେମାନଙ୍କୁ ସ୍ୱିଡିସ୍ ଭାଷାରେ ବିଷୟ ଗୁଡିକ ଅନୁବାଦ କରାଇ ସେହି ପତ୍ରିକା ସହିତ ଦେଇଦିଅନ୍ତୁ । ପତ୍ରିକା ଗୁଡିକ ପ୍ରଥମେ ଯାଉ, ପରେ ଏହାର ଅନୁବାଦ କରି ପଠାନ୍ତୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ଉମୁରେ ଆମା ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ନୁଆ ରିଫ୍ୟୁଜିମାନେ ଆସୁଛନ୍ତି । ସେମାନଙ୍କ ପାଇଁ ରୋଜଗାର ଖୋଜିବାର କାର୍ଯ୍ୟ ଅଛି । ତେଣୁ ସେମାନଙ୍କ ପାଇଁ ରୋଜଗାର ଖୋଜା ଚାଲିଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଶିକ୍ଷାର୍ଥୀମାନଙ୍କର ମଧ୍ୟ ଜାଏଜା ନିଅନ୍ତୁ କି କେତେଜଣ ଶିକ୍ଷାର୍ଥୀ କାମ ପାଇବା ପାଇଁ ଖୋଜି ବୁଲୁଛନ୍ତି ବା ନିଜ ଶିକ୍ଷା ଓ ପେଶାରୁ ଅଲଗା ହୋଇ ମଜ୍‌ବୁରୀରେ ଅନ୍ୟକାମ କରୁଛନ୍ତି । ସେ ସବୁର ମଧ୍ୟ ଜାଏଜା ନେବାକୁ ହେବ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ୱକ୍‌ଫେ ଯଦିଦ୍ ବତାଇଲେ କି ଚାନ୍ଦା ୱକ୍‌ଫେ ଯଦିଦ୍‌ର ୱାଦା ହେଉଛି ଦୁଇଲକ୍ଷ୍ୟ ୪୬ ହଜାର ୯୫୩ କ୍ରୋନର୍ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ପିଲାମାନଙ୍କୁ ମଧ୍ୟ ସାମିଲ୍ କରନ୍ତୁ । ପିଲାମାନଙ୍କଠୁ ମଧ୍ୟ ଚାନ୍ଦା ନିଅନ୍ତୁ ।

ମୁହାସିବ୍ ସାହେବ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ନିୟମିତ ହିସାବର ରେକର୍ଡ୍ ରଖାଯାଉଛି । ପ୍ରତ୍ୟେକ ମାସ ହିସାବ କରୁଛି ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ୱସାୟା ବତାଇଲେ କି ଏଠାରେ ରୋଜଗାର କରୁଥିବା ଲୋକମାନଙ୍କର ସଂଖ୍ୟା ହେଉଛି ୩୮୨ ଓ ସେମାନଙ୍କ ମଧ୍ୟରୁ ୧୫୮ ଜଣ ହେଉଛନ୍ତି ମୁସୀ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଆପଣମାନେ ରୋଜଗାର କରୁଥିବା ଲୋକମାନଙ୍କ ସଂଖ୍ୟାର ଅଧସଂଖ୍ୟକର ପାଖାପାଖି ହୋଇଗଲେଣି । ତେଣୁ ନିଜର ଲକ୍ଷ୍ୟ ହାସଲ କରନ୍ତୁ ।

ଇଂଟରନାଲ୍ ଅଡିଟର୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ପ୍ରତି ତିନିମାସରେ ଥରେ ନିୟମିତ ରୂପେ ଅଡିଟ୍ କରୁଛି ।

ହଜୁର୍ ଅନୁୱର୍ ଅ:ବ:ଅ ସେକ୍ରେଟାରୀ ରିସ୍ତାନାତାଙ୍କୁ ନିର୍ଦ୍ଦେଶ ଦେଇ କହିଲେ କି ଯେଉଁମାନଙ୍କର ରିସ୍ତା ହୋଇପାରୁନାହିଁ ସେମାନଙ୍କର ସୁଚୀ ଓ ବାୟୋଡାଟା ଇଂଟର୍ ନ୍ୟାସ୍‌ନାଲ୍ ରିସ୍ତାନାତା କମିଟି ଲଣ୍ଡନ୍‌ଙ୍କ ନିକଟକୁ ପଠାନ୍ତୁ ଓ ମୋ ପାଖକୁ ପ୍ରତ୍ୟେକ ମାସରେ ନିଜର ରିପୋର୍ଟ୍ ପଠାନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଆପଣଙ୍କର ଡାଟା ସୁରକ୍ଷିତ ସ୍ଥାନରେ ରହିବା ଉଚିତ୍ ଓ ଆପଣଙ୍କ କମିଟିର ପ୍ରତ୍ୟେକ ମାସରେ ମିଟିଂ ହେବା ଉଚିତ୍ । ନିଜ କାମ ଗୁଡିକର ଜାଏଜା ନିଅନ୍ତୁ ଓ ପ୍ରତ୍ୟେକ ସଦସ୍ୟକୁ କୁହନ୍ତୁ କି ସେମାନଙ୍କର କାମ ହେଉଛି ସେମାନେ ପ୍ରତ୍ୟେକ ତିନୋଟି ଲେଖାଏଁ ରିସ୍ତା କରାଇବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏଠାରେ ଯେଉଁ ଡାଟା ରହିଛି ତାହା ମର୍କଜି ସେକ୍ରେଟାରୀ ରିସ୍ତାନାତାଙ୍କ ନିକଟରେ ହିଁ ରହିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଲଜ୍‌ନାମାନେ ରିସ୍ତାନାତା ପ୍ରସଙ୍ଗରେ ନିଜର ବିଶେଷ ପ୍ରେଗ୍ରାମ୍ ରଖିପାରିବେ ଅର୍ଥାତ୍ ରିସ୍ତା କିପରି ହେବା ଉଚିତ୍ ଓ କଣ ଶୈଳୀ ହେବା ଉଚିତ୍ ଏ ସବୁ ବିଷୟ ରଖିପାରିବେ । କଥା ହେବା ଦ୍ୱାରା ଅନେକ ବିଷୟ ସାମନାକୁ ଆସିଯାଏ ।

ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ନିଜର ସବୁ ଜମାତ୍ ଗୁଡିକରେ ସେକ୍ରେଟାରୀ ରିସ୍ତାନାତାଙ୍କୁ ଆକ୍ଟିଭ୍ କରନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ ନମାଜର ଉପସ୍ଥାନ ପ୍ରସଙ୍ଗରେ କହିଲେ କି କଣ ଦୂରତା ଅଧିକ ରହିଛି । ଫଜର୍ ନମାଜ୍‌ରେ ଉପସ୍ଥାନ କମ୍ ରହୁଛି । ତେଣୁ ଲୋକମାନଙ୍କୁ ମନେ ପକାଇ ଦିଅନ୍ତୁ । ଖୁତ୍‌ବା ଗୁଡିକରେ ନମାଜ୍ ବିଷୟରେ ଧ୍ୟାନ ଆକର୍ଷଣ କରାନ୍ତୁ । ଏହା ଆପଣଙ୍କର ମଧ୍ୟ କାମ କି ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇବେ । ଯେଉଁ ଘର ଗୁଡିକ ଦୂରରେ ଅଛନ୍ତି ସେଠାରେ ପାଂଚୋଟି ଘର ମିଶି ସେଂଟର୍ ବନାନ୍ତୁ ଓ ସେହି ସେଂଟର୍‌ରେ ନମାଜ ପାଠ କରନ୍ତୁ ।

ଅଲ୍ଲାଃତାଲା କହୁଛନ୍ତି କି ନସିହତ୍ (ଉପଦେଶ) ଦେଇଚାଲ । ନସିହତ୍ କରିବା ହେଉଛି ଆମର କାମ । ପୋଲସ୍ ଫୋସ୍ ବନାଇବା ଆମର କାର୍ଯ୍ୟ ନୁହେଁ ।

ଓ୍ୱହ୍‌ଦାଦାର୍‌ମାନେ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଚାଲନ୍ତୁ । ନସିହତ କରିବା ପାଇଁ ନିର୍ଦ୍ଦେଶ ଅଛି । ତେଣୁ ନସିହତ୍ କରିଚାଲନ୍ତୁ ।

ସେକ୍ରେଟାରୀ ତରବିୟତ୍‌ଙ୍କ କାମ ହେଉଛି ସେ ପ୍ରୋଗ୍ରାମ୍ ବନାଇବେ ଓ ଏହିପରି ଅରଗାନାଇଜ୍ କରନ୍ତୁ କି ମସଜିଦ୍‌କୁ ଆସୁଥିବା ଲୋକମାନେ ନିଜ ସହିତ ଅନ୍ୟମାନଙ୍କୁ ମଧ୍ୟ ବସାଇ ନମାଜ ପଢ଼ିବା ପାଇଁ ନେଇ ଆସିବେ । ଯେଉଁମାନଙ୍କ ସହିତ ସମ୍ପର୍କ ରହିଛି ସେମାନଙ୍କୁ ବସାଇ ନେଇଆସନ୍ତୁ ।

ଶେଷରେ ଅମୀର୍ ସାହେବ୍ ସ୍ୱିଡେନ୍ ନିବେଦନ କଲେ କି ଏବେ ମାଲମୋ ଠାରେ ଆମ ପାଖରେ ଗୋଟିଏ ବଡ ସେଂଟର୍ ବନାହୋଇଛି । ସ୍କାଣ୍ଡିନେଭିଆନ୍ ଦେଶ ଗୁଡିକର ଇଜିତିମାଇ ଜଲସା କେବେ ସ୍ୱିଡେନ୍‌ରେ ଓ କେବେ ନରୱେରେ ହେଉ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଜମାତ୍ ସମ୍ମୁଖରେ ଏହି ସବୁ ଯୋଜନାକୁ ରଖି ପୁଣି ପଠାନ୍ତୁ ।

ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ସ୍ୱିଡେନ୍‌ର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏହି ମିଟିଂ ୮:୩୦ ରେ ଶେଷ ହେଲା । ଏହାପରେ ଆମ୍‌ଲାର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ ପ୍ରୋଗ୍ରାମ୍ ମୁତାବକ ୮:୫୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୋକରମ୍ ମାମୁନୁର୍ ରଶିଦ୍ ସାହେବ୍ ଅମୀର୍ ଜମାତ୍ ଅହେମଦୀୟା ସ୍ୱିଡେନ୍‌ଙ୍କ ଘରକୁ ଗଲେ ଓ ସନ୍ଧ୍ୟା ସମୟର ଭୋଜନ ଗ୍ରହଣ କଲେ । ଏହାପରେ ୯:୫୦ ରେ ସେଠାରୁ ଫେରିଆସିଲେ । ଠିକ୍ ଦଶଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ନାସିର୍‌ରେ ପଦାର୍ପଣ କରି ନମାଜ ମଗରିବ୍ ଏବଂ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

## ୨୩ ମଇ ୨୦୧୬ (ସୋମବାର) ଗୋଥନ୍‌ବର୍ଗ୍‌ରୁ ରୱାଙ୍ଗି (ଯାତ୍ରା ଆରମ୍ଭ) ଓ ଲଣ୍ଡନ୍‌ରେ ପଦାର୍ପଣ

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୩:୪୫ ରେ ମସ୍‌ଜିଦ୍‌ରେ ପହଂଚି ନମାଜ୍ ଫଜର୍ ପଢ଼ାଇଲେ । ନମାଜ ପଢ଼ାଇ ସାରିବା ପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଆଜି ସ୍ୱିଡେନ୍‌ରୁ ଲଣ୍ଡନ୍ ଯିବାର ଦିନ ଧାର୍ଯ୍ୟ ଥିଲା । ତେଣୁ ମସ୍‌ଜିଦ୍ ନାସିର୍‌ର ବାହ୍ୟ ପ୍ରାଙ୍ଗଣରେ ସକାଳରୁ ଜମାତ୍‌ର ଲୋକମାନେ ଅର୍ଥାତ୍ ପୁରୁଷ, ମହିଳା, ପୁଅ, ଝିଅ ଇତ୍ୟାଦି ସମସ୍ତେ ନିଜ ପ୍ରିୟ ଆକାଙ୍କୁ ବିଦାୟ ଦେବାପାଇଁ ଏକାଠି ହୋଇଥିଲେ । ଝିଅପିଲାମାନଙ୍କର ଛୋଟ ଛୋଟ ଗ୍ରୁପ୍ ବିଦାୟ ଦୁଆଇଆ ନଜମ୍ -

*ହର୍ ଗାମ୍ ପର୍ ଫରିସ୍ତୋଁ କା*
*ଲଶ୍‌କର୍ ହୋ ସାଥ ସାଥ*
*ହର୍ ମୁଲକ୍ ମେଁ ତୁମ୍‌ହାରି*
*ହିଫାଜତ୍ ଖୁଦା କରେ ।*

ସମବେତ କଣ୍ଠରେ ପାଠ କରୁଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳ ଠିକ୍ ନଅଟା ସମୟରେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ କିଛି ସମୟ ନିଜ ପ୍ରେମୀମାନଙ୍କ ଗହଣରେ ସମୟ ବିତାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଇଜ୍‌ତିମାଇ ଦୁଆ କରାଇଲେ ତା ପରେ ଗୋଥନ୍‌ବର୍ଗ୍‌ର ଇଂଟର୍ ନ୍ୟାସ୍‌ନାଲ୍ ଏୟାରପୋର୍ଟ୍ ନିମନ୍ତେ ଅଗ୍ରସର ହେଲେ ।

ପୋଲିସ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗାଡ଼ିକୁ ଏସ୍‌କର୍ଟ୍ କଲା । ୯:୪୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ଏୟାରପୋର୍ଟ୍‌ଠାରେ ପଦାର୍ପଣ ହେଲା ଏବଂ ପ୍ରୋଟୋକଲ୍ ଅଫିସର୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ରିସିଭ୍ କଲେ ଓ ସ୍ୱାଗତ ଜଣାଇଲେ ଏବଂ ହଜୁର୍ ଅନୁଓ୍ୱର୍ ସ୍ପେଶିଆଲ୍ ଲଞ୍ଜ୍‌କୁ ଚାଲିଗଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଆଗମନ ପୂର୍ବରୁ ସାମାନ୍‌ର ବୁକିଂ, ବୋର୍ଡିଂ କାର୍ଡ୍ ଇତ୍ୟାଦି ହାସଲ କରିବାର କାରବାଇ ସମ୍ପୂର୍ଣ୍ଣ ହୋଇସାରିଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଲଞ୍ଜ୍‌ରେ କିଛି ସମୟ ପାଇଁ କୟାମ୍ କଲେ । ସେଠାରୁ ୧୦:୪୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜାହାଜରେ ଚଢ଼ିବା ପାଇଁ ବାହାରିଲେ । ବିଶେଷ ବ୍ୟବସ୍ଥାର ଅନ୍ତର୍ଗତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗାଡ଼ିକୁ ଜାହାଜର ସିଡି ପର୍ଯ୍ୟନ୍ତ ଅଣାଗଲା । ପ୍ରୋଟୋକଲ୍ ଅଫିସର୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ଜାହାଜର ଫାଟକ ପର୍ଯ୍ୟନ୍ତ ଛାଡ଼ିବା ପାଇଁ ସାଥିରେ ଆସିଲେ । ଏହି ଅବସରରେ ମୋକରମ୍ ମାମୁନୁର୍ ରଶିଦ୍ ସାହେବ୍ ଅମୀର୍ ଜମାତ୍ ସ୍ୱିଡେନ୍, ମୋକରମ୍ ଆଗା ୟେହିୟା ଖାନ୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଯ୍ୟ ସ୍ୱିଡେନ୍ ଏବଂ ମୋକରମ୍ ଜିଶାନ ସାହେବ୍ ଇନ୍‌ଚାର୍ଯ୍ୟ ସିକ୍ୟୁରିଟି ଟିମ୍ ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କୁ ବିଦାୟ ଦେବା ପାଇଁ ଜାହାଜର ଫାଟକ ପର୍ଯ୍ୟନ୍ତ ଆସିଥିଲେ । ହଜୁର୍ ଅନୁଓ୍ୱର୍ ଜାହାଜ ଭିତରେ ପ୍ରବେଶ କଲେ ।

ବ୍ରିଟିଶ୍ ଏୟାର୍ ୱେଜ୍‌ର ଜାହାଜ (BA791) ଠିକ୍ ୧୧:୧୫ ରେ ଗୋଥନ୍‌ବର୍ଗ୍ ଏୟାରପୋର୍ଟ୍‌ରୁ ଲଣ୍ଡନର ହ୍ୟାଥ୍ରୋ ଏୟାରପୋର୍ଟ୍ ନିମନ୍ତେ ଉଡାଣ ଧରିଲା । ବ୍ରିଟେନ୍‌ର ସମୟ ସ୍ୱିଡେନ୍‌ର ସମୟଠାରୁ ଏକଘଂଟା ପଛରେ । ପାଖାପାଖି ଦୁଇଘଂଟା ଜାହାଜ ଉଡିବା ପରେ ବ୍ରିଟେନ୍‌ର ସ୍ଥାନୀୟ ସମୟ ମୁତାବକ ୧୨:୧୫ ରେ ଜାହାଜ ଲଣ୍ଡନ୍‌ର ହେଥ୍ରୋ ଇଂଟର୍ ନ୍ୟାସ୍‌ନାଲ୍ ଏୟାରପୋର୍ଟ୍‌ରେ ଓହ୍ଲାଇଲା ।

ଜାହାଜର ଫାଟକ ଠାରେ ପ୍ରୋଟୋକଲ ଅଫିସର୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ନିଜ ସହିତ ସ୍ପେଶାଲ୍ ଲଞ୍ଜ୍‌କୁ ନେଇଗଲେ, ଯେଉଁଠି ମୋକରମ୍ ରଫିକ୍ ଅହେମଦ୍ ହୟାତ୍ ସାହେବ୍ ଅମୀର୍ ଜମାତ୍ ୟୁ.କେ, ମୋହରମ୍ ସାହାବ୍‌ଜାଦା ମିର୍ଜା ଓ୍ୱକାସ୍ ଅହେମଦ୍ ସାହେବ୍ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା, ମୋକରମ୍ ମହମ୍ମଦ୍ ଅହେମଦ୍ ନାସିର୍ ସାହେବ୍ ଅଫିସର୍ ବିଶେଷ ସୁରକ୍ଷା ଦଳ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ସମସ୍ତେ ହଜୁର୍‌ଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଇମିଗ୍ରେସନ୍ ଅଫିସର୍ ସେହି ଲଞ୍ଜ୍‌ରେ ପହଂଚି ପାସ୍‌ପୋର୍ଟ୍ ଦେଖିଲେ । ଏଠି ଏୟାରପୋର୍ଟ୍‌ରୁ ଦିବା ଏକଟା ସମୟରେ ବାହାରି ପାଖାପାଖି ୧:୪୦ରେ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ଠାରେ ହଜୁର୍‌ଙ୍କର ଶୁଭାଗମନ ହେଲା ଯେଉଁଠାରେ ଜମାତ୍‌ର ଲୋକମାନଙ୍କର ଏକ ବହୁତ ବଡ଼ ସଂଖ୍ୟା ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ଉପସ୍ଥିତ ଥିଲେ । ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଗୋଟିଏ ପଟେ ମହିଳାମାନେ ଓ ଝିଅମାନେ ଛିଡ଼ା ହୋଇଥଲେ ଓ ଅନ୍ୟପଟେ ପୁରୁଷମାନେ ଛିଡ଼ା ହୋଇଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ହାତକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲେକୁମ୍ କହିଲେ । ଅତଃପର ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ ଦୁଇଟା ସମୟରେ ମସ୍‌ଜିଦ୍ ବଇତୁଲ୍ ଫଜଲ୍‌ରେ ପଦାର୍ପଣ କରି ଜୋହର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଏହିପରି ଆଜି ଅଲ୍ଲାଃତାଲାଙ୍କ କରୁଣାରୁ ହଜରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଡେନ୍‌ମାର୍କ୍ ଓ ସ୍ୱିଡେନ୍‌ର ଏହି ଐତିହାସିକ ଓ ଫଳପ୍ରଦ ଯାତ୍ରା ଅଲ୍ଲାଃଙ୍କ ଅସୀମ କରୁଣା ଓ ବରକତ୍‌କୁ ସାଥିରେ ନେଇ ଏକ ମହାନ୍ ସଫଳତା ସହିତ ପରିସମାପ୍ତି ଘଟିଲା । ଅଲହମ୍‌ଦୋଲିଲ୍ଲାଃ ଆଲା ଜାଲିକ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଯେଉଁ ସୌଭାଗ୍ୟଶାଳୀ ସଦସ୍ୟମାନଙ୍କୁ ଏହି ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ଯାତ୍ରାରେ ଯିବାପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ସେମାନଙ୍କର ନାମ ରେକର୍ଡ୍ କରିବା ଖାତିର୍ ନିମ୍ନରେ ଦିଆଗଲା । ହଜରତ୍ ସୟଦା ଅମତୁସ୍ ସବୁହ୍ ସାହିବା ମଦଜିଲ୍ଲହା ଆଲି (ସ୍ତ୍ରୀ ସୟଦନା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ), ମୋକରମ୍ ମୁନୀର୍ ଅହେମଦ୍ ଜାୱେଦ୍ ସାହେବ୍ (ପ୍ରାଇଭେଟ୍ ସେକ୍ରେଟାରୀ), ମୋକରମ୍ ମୁବାରକ୍ ଅହେମଦ ଜଫର୍ ସାହେବ୍ (ଏଡ଼ିଶିନାଲ୍ ଓ୍ୱକିଲୁଲ୍ ମାଲ୍ ଲଣ୍ଡନ), ମୋକରମ୍ ଆବିଦ୍ ଓ୍ୱହିଦ୍ ଖାନ୍ ସାହେବ୍ (ଇନଚାର୍ଯ୍ୟ ପ୍ରେସ୍ ଆଣ୍ଡ ମିଡ଼ିଆ ଅଫିସ୍ ଲଣ୍ଡନ), ମୋକରମ୍ ମେଜର୍ ମେହ୍‌ମୁଦ୍ ଅହେମଦ୍ ସାହେବ୍ (ଅଫିସର୍ ବିଶେଷ ସୁରକ୍ଷାଦଳ ଲଣ୍ଡନ), ମୋକରମ୍ ନାସିର୍ ଅହେମଦ୍ ସଇଦ୍ ସାହେବ୍ (ସୁରକ୍ଷା ବିଭାଗ), ମୋକରମ୍ ସଖାଓ୍ୱତ୍ ଅଲୀ ବାଜୁଆ ସାହେବ୍ (ସୁରକ୍ଷା ବିଭାଗ), ମୋକରମ୍ ମୋହସିନ୍ ଏଓ୍ୱାନ୍ ସାହେବ୍ (ସୁରକ୍ଷା ବିଭାଗ) ଓ ଏ ଅଧମ ଅବ୍‌ଦୁଲ୍ ମାଜିଦ୍ ତାହେର୍ (ଏଡ଼ିଶିନାଲ୍ ଓ୍ୱକିଲୁଲ୍ ତବ୍‌ଶିର୍ ଲଣ୍ଡନ) । ଏତଦ୍‌ବ୍ୟତୀତ ମୋକରମ୍ ମେହ୍‌ମୁଦ୍ ଅହେମଦ୍ ଖାନ୍ ସାହେବ୍ ଓ ମୋକରମ୍ ଜଫର୍ ଅହେମଦ୍ ସାହେବ୍ (ସୁରକ୍ଷା ବିଭାଗ ଲଣ୍ଡନ) । ଗୋଟିଏ ପ୍ରୋଗ୍ରାମ୍ ଅନ୍ତର୍ଗତ ହଜୁର୍ ଅନୁଓ୍ୱର୍‌ଙ୍କ ଡେନ୍‌ମାର୍କ୍ ଆଗମନ ପୂର୍ବରୁ ଡେନ୍‌ମାର୍କ୍‌ଠାରେ ପହଂଚିଥିଲେ ସେଠାରୁ ଏହି ଦୁଇଜଣ କାଫିଲାରେ ସାମିଲ୍ ହୋଇଥିଲେ ।

ଏତଦ୍‌ବ୍ୟତୀତ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ୟୁ.କେ ର ନିମ୍ନଲିଖିତ ସଦସ୍ୟମାନେ ଏହି ଗସ୍ତ ସମୟରେ ଖୁତ୍‌ବାଜୁମା, ମସ୍‌ଜିଦ୍ ମେହ୍‌ମୁଦ୍ ମାଲ୍‌ମୋର ଉଦ୍‌ଘାଟନୀ ଉତ୍ସବ ଏବଂ ଦୁଇ ଦେଶରେ ହୋଇଥିବା ରିସିପ୍‌ସନ୍ ପ୍ରୋଗ୍ରାମ୍‌ର ଉତ୍ସବରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଇଂଟରଭ୍ୟୁ ଓ ଅନ୍ୟ ସମସ୍ତ ପୋଗ୍ରାମ୍ ଗୁଡିକର ରୋକର୍ଡିଂ ଓ ଡେନ୍‌ମାର୍କ୍ ଏବଂ ସ୍ୱିଡେନ୍‌ରୁ ଲାଇଭ୍ ଟ୍ରାନ୍‌ସ୍‌ମିଶନ୍ ନିମନ୍ତେ ଏହି ଗସ୍ତରେ ସାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ ।

ମୋକରମ୍ ମୁନୀର ଅହେମଦ୍ ଅଓଦାଃ, ମୋକର୍ ସୋହ୍‌ରାବ୍ ଜିଶାନ୍ ସାହେବ୍, ମୋକରମ୍ ସଫିରୁଦ୍ଦିନ୍ କମର ସାହେବ୍, ମୋକରମ୍ ଅତାଉଲ୍ ଅଓ୍ୱଲ୍ ଅବାସୀ ସାହେବ୍, ମୋକରମ୍ ଅଦନାନ୍ ଜାହିଦ୍ ସାହେବ୍, ମୋକରମ୍ ଜକିଉଲ୍ଲାଃ ଅହେମଦ୍ ସାହେବ୍ ଓ ମୋକରମ୍ ସଇଦ୍ ଓ୍ୱସିନ ସାହେବ୍ ।

ସେହିପରି ମୋକରମ୍ ଅମୀର୍ ଅଲିମ୍ ସାହେବ୍ ଇନ୍‌ଚାର୍ଯ୍ୟ ମଖଜନେ ତସାଓ୍ୱିର (ଫଟୋ ଲାଇବ୍ରେରୀ) ବିଭାଗ ମଧ୍ୟ ଏଥିରେ ଯୋଗ ଦେବାର ସୌଭାଗ୍ୟ ପାଇଛନ୍ତି ।

ଜର୍ମାନୀରୁ ଡାକ୍ତର ମୋକରମ୍ ଅତହର୍ ଯୁବେର୍ ସାହେବ୍ ଡେନ୍‌ମାର୍କ ଓ ସ୍ୱିଡେନ୍‌ର ଏଏହି ଗସ୍ତ ସମୟରେ ଡାକ୍ତର୍ ରୂପେ କାଫିଲା ସହିତ ଡ୍ୟୁଟିରେ ଥିଲା । ଅଲ୍ଲାଃତାଲା ଉକ୍ତ ସମସ୍ତ ସଦସ୍ୟମାନଙ୍କୁ ଏପରି ସୌଭାଗ୍ୟ ମୁବାରକ୍ କରନ୍ତୁ ।

ଏତଦ୍‌ବ୍ୟତୀତ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଜର୍ମାନୀରୁ ୧୦ ଜଣ ବିଶିଷ୍ଟ ଖୁଦାମଡ଼ ମାନଙ୍କର ସିକ୍ୟୁରିଟି ଟିମ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଡେନ୍‌ମାର୍କ ଆଗମନ ପୂର୍ବରୁ ଡେନ୍‌ମାର୍କରେ ପହଂଚି ସାରଥିଲେ । ଏବଂ ପୁଣି ଡେନ୍‌ମାର୍କ୍ ଓ ସ୍ୱିଡେନ୍‌ର ସମସ୍ତ ସମୟରେ ହଜୁର୍‌ଙ୍କ ସାଥିରେ ରହିଲେ । ଏହି ସବୁ ଖୁଦାମ୍ ମାନେ ବହୁତ ନିଷ୍ଠା ଓ ଖୁସିର ସହିତ ନିଜର ଧାର୍ଯ୍ୟ କାର୍ଯ୍ୟକୁ ସମ୍ପାଦନ କଲେ । ଫଜଜାହୁମୁଲ୍ଲାହୋ ତାଲା ଆହସନୁଲ୍ ଯଜା (ବହଓ୍ୱାଲା ଅଖ୍‌ବାର୍ ବଦର୍ ୧୧ ଅଗଷ୍ଟ୨୦୧୬)

# ଆପୋଷରେ ପ୍ରେମଭାବ ଓ ସ୍ନେହଭାବ ସୃଷ୍ଟିକରି ବନ୍ଧୁତ୍ୱ ସ୍ଥାପନ କରନ୍ତୁ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ହେବାର ଉଦ୍ଦେଶ୍ୟକୁ ନିଜ କଥନ ଓ କାର୍ଯ୍ୟ ଦ୍ୱାରା ପୂରଣ କରିବା ପାଇଁ ସର୍ବଦା ପରମ ଚେଷ୍ଟା କରିଚାଲନ୍ତୁ ।

୨୭ ଜାନୁଆରୀ ୨୦୧୮ରେ ଅନୁଷ୍ଠିତ ହୋଇଥିବା ପଂଚମ ଜଲ୍‌ସାସାଲାନା ନେପାଳ ଅବସରରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ **ବାର୍ତ୍ତା** ।

ଲଣ୍ଡନ୍

MA 25-01-2018

ଜମାତ୍ ଅହେମଦୀୟା ନେପାଳର ପ୍ରିୟ ସଦସ୍ୟଗଣ

ଅସ୍‌ସଲାମୋ ଆଲେକୁମ୍ ୱ ରହମତୁଲ୍ଲାହେ ୱ ବରକାତୁହୁ

ମୋତେ ଏହା ଜାଣି ବହୁତ ଖୁସି ଲାଗିଲା ଯେ ଆପଣମାନଙ୍କୁ ନିଜର ଜଲ୍‌ସାସାଲାନା ଅନୁଷ୍ଠିତ କରିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହେଉଅଛି । ଅଲ୍ଲାଃତାଲା ଏହାକୁ ପ୍ରତିକ୍ଷେତ୍ରରୁ ବାବରକତ୍ କରନ୍ତୁ ଓ ଏହି ଜଲ୍‌ସାରେ ସାମିଲ୍ ହୋଇଥିବା ପ୍ରତ୍ୟେକ ଲୋକଙ୍କ ଉପରେ ପୁଣ୍ୟ ପ୍ରଭାବ ପକାଉ । ଆମିନ୍ !

ଏହି ଅବସରରେ ମୋ ଠାରୁ ବାର୍ତ୍ତା ପାଇବା ପାଇଁ ନିବେଦନ କରାଯାଇଅଛି । ମୁଁ ଆପଣମାନଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ଉପଦେଶ ଦେବାକୁ ଚାହିଁବି । ଆମେ ବହୁତ ସୌଭାଗ୍ୟବାନ୍ କି ଅଲ୍ଲାଃତାଲା ଆମକୁ ଇମାମୁଜ୍ ଜମାଁ (ଏ ଯୁଗର ଇମାମ୍) ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିବା ପାଇଁ ଶକ୍ତି ପ୍ରଦାନ କରିଛନ୍ତି । ଆପଣ ଆ:ସ ନିଜ ଜମାତ୍‌କୁ ବିଭିନ୍ନ ସମୟରେ ଯେଉଁ ଶିକ୍ଷା ଗୁଡିକ ପ୍ରଦାନ କରିଛନ୍ତି ସେଥିମଧ୍ୟରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହେଉଛି ନିଜ ଅନୁଗାମୀମାନଙ୍କୁ ଆପୋଷରେ ପ୍ରେମ ଓ ସ୍ନେହର ସହିତ ରହିବାର ଶିକ୍ଷା । ଆପଣ ଆ:ସଙ୍କ ନିଜର କାର୍ଯ୍ୟ ପ୍ରଣାଳୀ ମଧ୍ୟ ଏହା ଥିଲା କି ଆପଣ ଆ:ସ ନିଜ ସାହାବା ମାନଙ୍କ ପାଇଁ ସମ୍ପୂର୍ଣ୍ଣ ରୂପେ ଶୁଭଚିନ୍ତକ ଓ ହିତୈଷୀ ଥିଲେ । ଆପଣ ଆ:ସ ସେମାନଙ୍କୁ ବିଶ୍ୱାସ ବୃଦ୍ଧି କରିବା ପାଇଁ ଦରସ ଦେଉଥିଲେ । ନମାଜ ଓ ସମସ୍ତ ଇସ୍‌ଲାମୀୟ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହେବାପାଇଁ ଉପଦେଶ ଦେଉଥିଲେ ଓ ସେମାନଙ୍କର ଆଧ୍ୟାତ୍ମିକ ଲାଳନ ପାଳନ କରୁଥିଲେ । ସେମାନଙ୍କ ପାଇଁ ପ୍ରାର୍ଥନା କରୁଥିଲେ, ସେମାନଙ୍କ ସହିତ ଅତ୍ୟନ୍ତ ପ୍ରେମ, ସ୍ନେହ ଓ ଦୟାର ଆଚରଣ କରୁଥିଲେ । ସେମାନଙ୍କର ଭାବନାର ଧ୍ୟାନ ରଖୁଥିଲେ । ନିଜ ହାତଦ୍ୱାରା ସେମାନଙ୍କର ଅତିଥି ସତ୍କାର କରୁଥିଲେ । ସେମାନଙ୍କ ସୁଖ ଦୁଃଖରେ ସାମିଲ୍ ହେଉଥିଲେ । ସେମାନଙ୍କର ଉପଚାର କରୁଥିଲେ । ଅଭାବୀ ଲୋକଙ୍କର ଅଭାବ ଦୂର କରୁଥିଲେ । ଆପଣ ଆ:ସ ନିଜ ପ୍ରିୟ ଜମାତ୍‌ର ସଦସ୍ୟମାନଙ୍କୁ ତବରୁକାତ୍ (ପ୍ରସାଦ) ପ୍ରଦାନ କରୁଥିଲେ । ସେମାନଙ୍କୁ ଦିନୀ ଖିଦ୍‌ମାତ୍ (ଧାର୍ମିକ ସେବା) ସମ୍ପାଦନ କରିବା ପାଇଁ ସମର୍ପୁଥିଲେ । ସେମାନଙ୍କ ସହିତ କ୍ଷମା ଓ ଦୟା ଆଚରଣ କରୁଥିଲେ । ସେମାନଙ୍କୁ ଉତ୍ତମ ଚରିତ୍ର ଆପଣାଇବା ପାଇଁ ଓ କୁଚରିତ୍ରରୁ ବଂଚି ରହିବା ପାଇଁ ଉପଦେଶ ଦେଉଥିଲେ । ସେମାନଙ୍କୁ ପ୍ରତ୍ୟେକ ସ୍ଥାନରେ ଶାନ୍ତିପ୍ରିୟ ଓ ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ଜୀବନ ବିତାଇବା ପାଇଁ ଓ ଧାର୍ମିକ ଭାଇଚାରା ପ୍ରଦର୍ଶନ କରିବା ପାଇଁ ପ୍ରୋତ୍ସାହନ କରୁଥିଲେ । ଆପଣ ଆ:ସ ନିଜର ପୁସ୍ତକ କଶ୍‌ତିନୂହ୍‌ରେ କହୁଛନ୍ତି:-

''ଯଦି ତୁମେ ଚାହୁଁଛ କି ସ୍ୱର୍ଗରେ ତୁମଠାରୁ ଇଶ୍ୱର ରାଜି ହୋଇଯାଆନ୍ତୁ ବୋଲି ତେବେ ତୁମେ ଆପୋଷରେ ଏପରି ହୋଇଯାଓ ଯେପରି ଗୋଟିଏ (ମା') ପେଟରୁ ବାହାରିଥିବା ଦୁଇଭାଇ'' । (ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୧୨-୧୩)

ସେହିପରି ଆପଣ ଆ:ସ ଆପଣଙ୍କ ହସ୍ତରେ ପ୍ରଥମେ ପ୍ରଥମେ ବୟତ କରିଥିବା ଲୋକମାନଙ୍କୁ ଉପଦେଶ ଦେଇ କହୁଛନ୍ତି-

''ପ୍ରତ୍ୟେକ ବ୍ୟକ୍ତି ନିଜ ଭାଇ ସହିତ ପୂର୍ଣ୍ଣ ସହାନୁଭୂତି ଓ ପ୍ରେମର ସହିତ ବ୍ୟବହାର କରୁ ଓ ନିଜ ଭାଇଠାରୁ ବଳି ତାର ସମ୍ମାନ କରୁ । ତା ସହିତ ଶିଘ୍ର ସୁଲାହ୍ କରିନେଉ ଓ ହୃଦୟରେ ଥିବା ମଳିନତାକୁ ଦୂର କରିଦେଉ ଏବଂ ଅନ୍ତରରୁ ନିର୍ମଳ ହୋଇଯାଉ ଏବଂ କଦାପି ଅଣୁମାତ୍ରାର କପଟତା ଓ ଦ୍ୱେଷଭାବ ତାଙ୍କ ସହିତ ନରଖୁ'' ।

(ମଜ୍‌ମୁଆ ଇସ୍ତେହାରାତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୧୯୬)

ଆପଣ ଆ:ସ ନିଜର ଆବିର୍ଭାବର ଉଦ୍ଦେଶ୍ୟକୁ ମଧ୍ୟ ବିଭିନ୍ନ ଅବସରରେ ବର୍ଣ୍ଣନା କରିଛନ୍ତି । ସୁତରାଂ ନିଜର ଏକ ପୁସ୍ତକ ''କିତାବୁଲ୍ ବରିୟା''ରେ କହୁଛନ୍ତି:-

''ମୁଁ ଏଇଥିପାଇଁ ପ୍ରେରଣ କରାଯାଇଛି କି ଯଦ୍ୱାରା ଇମାନ୍ (ବିଶ୍ୱାସ) କୁ ସୁଦୃଢ଼ କରିବି ଓ ଖୁଦାତାଲାଙ୍କ ଅସ୍ତିତ୍ୱକୁ ଲୋକମାନଙ୍କ ଉପରେ ପ୍ରମାଣ କରି ଦେଖାଇବି । କାରଣ ପ୍ରତ୍ୟେକ କୌମ୍‌ର ବିଶ୍ୱାସର ଅବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇସାରିଛି ଓ ପରକାଳକୁ କେବଳ ଏକ କାହାଣି ବୋଲି ବିବେଚନା କରାଯାଉଛି ଓ ପ୍ରତ୍ୟେକ ମନୁଷ୍ୟ ନିଜର କାର୍ଯ୍ୟଦ୍ୱାରା ଏହା ବତାଇଦେଉଛି କି ତାହା, ଯେପରିକି ସେ ଏ ସଂସାର ଉପରେ ବିଶ୍ୱାସ ଓ ସାଂସାରିକ ମାନମର୍ଯ୍ୟାଦା ଉପରେ ବିଶ୍ୱାସ ରଖିଛି ଓ ଯେଉଁପରି ସାଂସାରିକ ସାଧନ ଉପରେ ତାର ବିଶ୍ୱାସ ରହିଛି, ସେହିଭଳି ବିଶ୍ୱାସ ଓ ଭରଷା କଦାପି ତାକୁ ଇଶ୍ୱର ଓ ପରକାଳ ଉପରେ ନାହିଁ । ଜିହ୍ୱାରେ ବହୁତ କିଛି ଅଛି କିନ୍ତୁ ହୃଦୟରେ ସାଂସାରିକ ପ୍ରେମର ଗଲ୍‌ବା (ଆଧିପତ୍ୟ) ରହିଛି'' । (ରୁହାନି ଖଜାଏନ୍, ଖଣ୍ଡ-୧୩, ପୃଷ୍ଠା-୨୯୧-୨୯୨, ହାସିୟା)

ତେଣୁ ଯେପରିକି ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଇମାନ୍‌କୁ ସୁଦୃଢ଼ତା, ଇଶ୍ୱରଙ୍କ ସହିତ ସମ୍ପର୍କ ରଖିବାରେ ଉନ୍ନତି କରିବା, ପରକାଳ ଉପରେ ବିଶ୍ୱାସକୁ ବଢ଼ାଇବା, କାର୍ଯ୍ୟରେ ସଂସ୍କାର ଏବଂ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାକୁ ନିଜ ଆବିର୍ଭାବର ଉଦ୍ଦେଶ୍ୟ ନିର୍ଦ୍ଧାରିତ କରିଛନ୍ତି ଏବଂ ନିଜ ଅନୁଗାମୀ ମାନଙ୍କୁ ଆପୋଷରେ ପ୍ରେମଭାବ ବଢ଼ାଇବା ପାଇଁ ଉପଦେଶ ଦେଇଛନ୍ତି ତେଣୁ ଆମକୁ ଆପଣ ଆ:ସଙ୍କୁ ମାନିବାର ଲାଭ ସେତେବେଳେ ପହଂଚିବ ଯେବେ ଆମେ ସମସ୍ତେ ଉକ୍ତ ମୂଳ ଉପଦେଶ ଗୁଡିକ ଉପରେ ପରିଚାଳିତ ହୋଇ ନିଜର ନିଷ୍ଠା ଓ ଭକ୍ତିଭାବକୁ ପ୍ରକାଶ କରିବା । ତେଣୁ ଆପଣ ସମସ୍ତେ ନିଜ ନିଜର ଅନୁଧ୍ୟାନ ଓ ଅନୁଶୀଳନ କରନ୍ତୁ । ଆପୋଷରେ ପ୍ରେମ ଓ ଭଲପାଇବାର ବନ୍ଧୁତ୍ୱକୁ ସ୍ଥାପନ କରନ୍ତୁ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଆବିର୍ଭାବ ହେବାର ଉଦ୍ଦେଶ୍ୟକୁ ନିଜ କଥନ ଓ କାର୍ଯ୍ୟଦ୍ୱାରା ସମ୍ପୂର୍ଣ୍ଣ କରିବା ପାଇଁ ସର୍ବଦା ପରମ ଚେଷ୍ଟା କରିଚାଲନ୍ତୁ । ଅଲ୍ଲାଃତାଲା ଆପଣମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ !

*ୱସ୍ ସଲାମ୍ ଖାକ୍‌ସାର୍ (ଅଧମ)*

*ଖଲିଫତୁଲ୍ ମସିହିଲ୍ ଖାମିସ୍*

---

*ପୃଷ୍ଠା- ୬ ର ଅବଶିଷ୍ଟାଂଶ ...*

କାଦିଆନରେ ବାସ କରୁଥିବା କେତେକ ଲୋକ ମଧ୍ୟ ଅସୁବିଧାରେ ଅଛନ୍ତି, ସେହିପରି ପାକିସ୍ତାନ ଓ ବିଶେଷକରି ରବଓ୍ୱାରେ ରହୁଥିବା ଅହେମଦିମାନଙ୍କୁ ପ୍ରଶାସନ ତରଫରୁ ବିଭିନ୍ନ କଟକଣା ଲଗାଇ କଷ୍ଟ ଦିଆଯାଉଅଛି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଅତ୍ୟାଚାରୀମାନଙ୍କ କବଳରୁ ରକ୍ଷା କରନ୍ତୁ ଏବଂ ଉକ୍ତ ଅବସ୍ଥାରେ ପରିବର୍ତ୍ତନ ଆଣନ୍ତୁ ।

ଏହିପରି ପାକିସ୍ତାନ୍ ବ୍ୟତୀତ ହିନ୍ଦୁସ୍ତାନ୍‌ର କିଛି ଇଲାକାରେ ମଧ୍ୟ, ଯେଉଁଠି ମୁସଲମାନ୍ ମାନଙ୍କର ବହୁଳତା ରହିଛି, ସେଠାରେ ଅହେମଦୀମାନଙ୍କ ଉପରେ ଅତ୍ୟାଚାର କରାଯାଉଛି । ଅଲ୍ଲାଃତାଲା ସେହି ଅତ୍ୟାଚାରୀଙ୍କ କବଳରୁ ରୋକି ରଖନ୍ତୁ ।

ସେହିପରି ଇଣ୍ଡୋନେସିଆରେ ମଧ୍ୟ ଏପର୍ଯ୍ୟନ୍ତ ଯେଉଁଠି ଅତ୍ୟାଚାରୀ ମାନଙ୍କୁ ମଉକା ମିଳୁଛି, ସେଠାରେ ସେମାନେ ଅହେମଦୀମାନଙ୍କ ଉପରେ ଅତ୍ୟାଚାର ଚାଲିଛି । ବିଗତ ଦିନ ଗୁଡିକରେ ମଧ୍ୟ ସେମାନେ, ଗୋଟିଏ ସ୍ଥାନ ଯେଉଁଠି ଅଳ୍ପ କିଛି ଜମାତ୍ ଥିଲା, ସେମାନଙ୍କୁ ସେମାନଙ୍କ ଘରୁ ବାହାର କରିଦିଆଯାଉଛି । ଫଳତଃ ସେମାନେ ବାସହୀନ ହୋଇଯାଇଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଓ ଶତ୍ରୁମାନଙ୍କ ଧୃଷ୍ଟତାରୁ ତାଙ୍କୁ ବଂଚାଇ ରଖୁ । ମୁଁ ପ୍ରଥମେ ମଧ୍ୟ ଏକଥା କହିଥିଲି କି ଅଲ୍ଲାଃତାଲା ମୁସଲମାନ ଦେଶଗୁଡିକୁ ଜ୍ଞାନ ପ୍ରଦାନ କରନ୍ତୁ ।

ଆଜିକାଲି ୟମନ୍‌ରେ ପୁର୍ନବାର ବେଶ୍ ଶକ୍ତ ଭାବରେ ଆକ୍ରମଣ ଆରମ୍ଭ ହୋଇଯାଇଛି, ଇରାକ ଓ ସିରିୟା ଆଦି ଦେଶମାନଙ୍କରେ ବିଭ୍ରାଟ ଓ ଗୋଷ୍ଠୀଗତ ବିରୋଧ ଯୋଗୁଁ ଜଣେ ମୁସଲମାନ ଆଉ ଜଣେ ମୁସଲମାନର ମୁଣ୍ଡ କାଟୁଅଛି । ଅଲ୍ଲାଃତାଲା ସେମାନଙ୍କୁ ସତ୍‌ବୁଦ୍ଧ ପ୍ରଦାନ କରନ୍ତୁ ଏବଂ ସେମାନଙ୍କୁ ହଜରତ ମହମ୍ମଦ ସ.ଆଙ୍କ ପ୍ରକୃତ ଶିକ୍ଷା ମୁତାବକ ଅମଳ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଏ ଯୁଗରେ ଅଲ୍ଲାଃତାଲା ଯେଉଁ ମେହ୍‌ଦୀ ଓ ମସିହଙ୍କୁ ପଠାଇଛନ୍ତି ତାଙ୍କୁ ମାନିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯଦ୍ୱାରା ଏମାନେ ଖରାପ ରାସ୍ତାରେ ଚାଲିବାରୁ ବଂଚିଯିବେ ଓ ସେମାନଙ୍କର ଇହକାଳ ଓ ପରକାଳ ସୁରକ୍ଷିତ ହୋଇଯିବ ।

ସେହିପରି ଅଲ୍ଲାଃତାଲା ସେମାନଙ୍କ ଜୀବନ ଓ ଧନସମ୍ପତିରେ ଅଜସ୍ର ବରକତ୍ ପ୍ରଦାନ କରନ୍ତୁ ଯେ ବିଭିନ୍ନ ତହରିକ୍ (ଆହ୍ୱାନ) ଓ ଜମାଅତର ଆର୍ଥିକ ବଳିଦାନ କରିବାରେ ଭାଗ ନେଉଛନ୍ତି । ସେହିପରି ତବ୍‌ଲିଗ୍ କାର୍ଯ୍ୟ ନିମନ୍ତେ ଆଜିକାଲି ଏମ୍.ଟି.ଏ ବହୁତ ବଡ ଭୂମିକା ନିର୍ବାହ କରୁଅଛି । ଏହିପରି ଆମ କର୍ମକର୍ତାମାନଙ୍କ ମଧ୍ୟରେ M.T.A ର ବହୁତ ବଡ଼ ଯୋଗଦାନ ରହିଛି ଅଲ୍ଲାଃତାଲା M.T.A ର କର୍ମୀ ଏବଂ Volunters ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସେମାନଙ୍କୁ ପୂର୍ବ ଅପେକ୍ଷା ଅଧିକ ସେବା କରିବାର ଶକ୍ତି ପ୍ରଦାନ କରନ୍ତୁ । ଏମ୍.ଟି.ଏ ଆଫ୍ରିକା ମଧ୍ୟ ଆଜିକାଲି ବଡ଼ ତବ୍‌ଲିଗର କାର୍ଯ୍ୟ କରୁଅଛି । ନୂଆ ଆରମ୍ଭ କରାଯାଇଛି ଓ ଏଥିରେ ସବୁ ସ୍ଥାନୀୟ ଲୋକମାନେ କାର୍ଯ୍ୟ କରୁଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ଜ୍ଞାନ ଓ ଦିବ୍ୟଜ୍ଞାନରେ ମଧ୍ୟ ବରକତ୍ ପ୍ରଦାନ କରନ୍ତୁ ଏବଂ ସେମାନେ ବହୁ ଉଚ୍ଚକୋଟୀର ପ୍ରୋଗ୍ରାମ୍ ବନାଇ ଇସ୍‌ଲାମ୍‌ର ବାସ୍ତବିକ ବାର୍ତ୍ତା ନିଜ ଜାତିକୁ ମଧ୍ୟ ଓ ଦୁନିଆରେ ମଧ୍ୟ ପହଂଚାଇବା ବାଲା ହୁଅନ୍ତୁ ।

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 19 July 2018 Issue No.29

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ୍ ଏବଂ ସ୍ୱିଡେନ୍ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

**୨୨ ମଇ ୨୦୧୬ (ରବିବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୩:୪୫ ରେ ମସ୍‌ଜିଦ୍ ନାସିର୍‌ରେ ପହଂଚି ନମାଜ ଫଜର୍ ପଢ଼ାଇଲେ । ନମାଜ ପଢ଼ାଇବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠିପତ୍ର ଓ ରିପୋର୍ଟସ୍ ଇତ୍ୟାଦି ତଦାରଖ କଲେ ଓ ସେଥିରେ ହିଦାୟତ୍ ପ୍ରଦାନ କଲେ । ଏହିପରି ହଜୁର୍ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ଲିପ୍ତ ରହିଲେ ।

**ନ୍ୟାସନାଲ୍ ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃ ସ୍ୱିଡେନ୍‌ର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ମିଟିଂ**

ପ୍ରୋଗ୍ରାମ୍ ମୁତାବକ ୧୧:୧୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମିଟିଂ ହଲ୍‌ରେ ପଦାର୍ପଣ କଲେ ଯେଉଁଠି ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃ ସ୍ୱିଡେନ୍‌ର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ମିଟିଂ ଆରମ୍ଭ ହେଲା । ସର୍ବପ୍ରଥମେ ହଜୁର୍ ଦୁଆ କରାଇଲେ ।

ଏହାପରେ କାଏଦ୍ ଉମୁମିଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିବାରେ ସେ ବତାଇଲେ କି ସ୍ୱିଡେନ୍‌ରେ ଆନ୍‌ସାରୁଲ୍ଲାଃର ସଂଖ୍ୟା ହେଉଛି ୧୪୫ ଓ ଆମର ଏଠି ତିନିଗୋଟି ମଜ୍‌ଲିସ୍ ରହିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଲୋଲିଓରେ ଚାରିଜଣ ଅନ୍‌ସାର୍ ଅଛନ୍ତି । ତେଣୁ ସେଠି ମଧ୍ୟ ମଜ୍‌ଲିସ୍ କାଏମ୍ କରନ୍ତୁ । ସେହିପରି କାଲ୍‌ମାର୍‌ଠାରେ ମଧ୍ୟ ଆପଣଙ୍କ ମଜ୍‌ଲିସ୍ କାଏମ୍ ହେବା ଉଚିତ୍ । ହଜୁର୍ ଅନୁଓ୍ୱର୍ ସଦର୍ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃଙ୍କୁ ହିଦାୟତ ଦେଇ କହିଲେ କି ନିଜ ଅନ୍‌ସାରୁଲ୍ଲାଃ ମଜ୍‌ଲିସ୍ ଗୁଡିକୁ ଗସ୍ତ କରନ୍ତୁ । ପ୍ରତ୍ୟେକ ସ୍ଥାନକୁ ଯାଆନ୍ତୁ । ଯଦି କେଉଁଠାରେ କେହି ଚାନ୍ଦା ନଦେଉଥିବା ବ୍ୟକ୍ତି ଅଛି ସେଠାରେ ତାଙ୍କୁ ଚାନ୍ଦା ଦେବାପାଇଁ କୁହନ୍ତୁ । ଥରେ ଅଧେ କହିଦେଲେ ବା ଥରେ ଅଧେ ଯାଇ କଥା କହିଦେଲେ କିଛି ଫଳ ମିଳିବ ନାହିଁ । ତେଣୁ ବାରମ୍ବାର କହିବା ପାଇଁ ନିର୍ଦ୍ଦେଶ ଅଛି ।

କାଏଦ୍ ଉମୁମି ବତାଇଲେ କି ଦୁଇଟି ମଜ୍‌ଲିସ୍ ରିପୋର୍ଟ୍ ଦେଉଛନ୍ତି, ଆଉଗୋଟିଏ ମଜ୍‌ଲିସ୍ ଦେଉନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁମାନେ ରିପୋର୍ଟ୍ ଦେଉନାହାଁନ୍ତି ତାଙ୍କଠାରୁ ମଧ୍ୟ ରିପୋର୍ଟ୍ ନିଅନ୍ତୁ । ସେହିପରି ବାକି ସ୍ଥାନ ମାନକରେ ଯେଉଁଠି ମଜ୍‌ଲିସ୍ ତିଆରି ହୋଇନାହିଁ ସେଠାରେ ମଜ୍‌ଲିସ୍ ବନାନ୍ତୁ ।

ନାଏବ ସଦର୍ ସଫେ ଦୋମ୍ ବତାଇଲେ କି ସଫେ ଦୋମ୍‌ର ଅନ୍‌ସାର୍‌ମାନଙ୍କ ସଂଖ୍ୟା ବିଷୟରେ ମୁଁ ଜାଣିନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆପଣଙ୍କୁ ନିଜର ପ୍ରୋଗ୍ରାମ୍ ବନାଇବା ଉଚିତ୍ । ଲାହେ ଅମଲ୍ ପଢ଼ନ୍ତୁ ଓ ତା ମୁତାବକ ପ୍ରୋଗ୍ରାମ୍ ବନାନ୍ତୁ । ଛୋଟିଆ ଜମାତ୍‌ଟିଏ ଆପଣଙ୍କୁ ତ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବା ଉଚିତ୍ । ଦଶ ଏଗାର ଜଣ ଲୋକ ଆପଣଙ୍କ ଦ୍ୱାରା ସମ୍ଭାଳି ହେଉନାହିଁ ।

ଅମୀନ୍ ଏବଂ ମୁହାସିର୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ସମସ୍ତ ହିସାବ ରଖାଯାଉଛି ।

କାଏଦ୍ ଇଶାଅତ୍‌ଙ୍କ ସମ୍ବନ୍ଧରେ ହଜୁର୍ ଅନୁଓ୍ୱର୍ କହିଲେ କି ସେ ତ ଏଗାରମାସ ଦୁବାଇରେ ରହୁଛନ୍ତି । ତାଙ୍କ ସ୍ଥାନରେ ଜଣେ ନୂଆ ଲୋକଙ୍କୁ କାଏଦ୍ ଇଶାଅତ୍ ବନାନ୍ତୁ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ସ୍ୱିଡେନ୍‌ରେ ସେ ଯେଉଁ ନିଜର ଚାନ୍ଦା ଦେଉଛନ୍ତି ଚାନ୍ଦା ଦେବାର ଫଇସଲା ସେ ନିଜେ କରିବା ଉଚିତ୍ ନୁହେଁ ବରଂ ଏହାର ଫଇସଲା ମର୍କଜକୁ କରିବାକୁ ହେବ ଅର୍ଥାତ୍ ସେ ନିଜର ଚାନ୍ଦା ଦୁବାଇରେ ଦେବେ ବା ଏଠି ସ୍ୱିଡେନ୍‌ରେ ପ୍ରଦାନ କରିବେ ।

କାଏଦ୍ ତାଲିମୁଲ୍ କୁରଆନ୍ ଓ୍ୱ ୱକ୍‌ଫେ ଆରଜିଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ-ଆପଣ ନିଜେ ଆମ୍‌ଲା ସହିତ ମିଶି କେତେଜଣ ସଦସ୍ୟ ୱକ୍‌ଫେ ଆରଜି କରିଛ । ଏହା ଯେଉଁ କୁହାଯାଇଛି କି ମସ୍‌ଜିଦ୍‌ରେ କାମ କରିବା ପାଇଁ ଯାଉଛନ୍ତି ବୋଲି ଏ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମସ୍‌ଜିଦ୍‌ରେ ତ ଆପଣମାନେ ଓ୍ୱକାରେ ଅମଲ୍ ପାଇଁ ଯାଉଛନ୍ତି । ଏହା ତ ୱକ୍‌ଫେ ଆରଜି ନୁହେଁ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି କାଲ୍‌ମାର୍‌ରେ ଯାଇ ୱକ୍‌ଫେ ଆରଜି କରନ୍ତୁ । ନମାଜ ପଢ଼ିବା ପ୍ରତି ଧ୍ୟାନ ଦିଅନ୍ତୁ । ପବିତ୍ର କୋରାନ୍ ପଢ଼ିବା ପ୍ରତି ଧ୍ୟାନ ଆକର୍ଷଣ କରାନ୍ତୁ ଓ ଚାନ୍ଦା ପ୍ରଦାନ କରିବା ପାଇଁ ଧ୍ୟାନ ଆକର୍ଷଣ କରାଯାଉ ଓ ସେମାନଙ୍କର୍ ତର୍‌ବିୟତ୍ କରନ୍ତୁ । ସେଠାକୁ ଯାଆନ୍ତୁ ଓ ସେଠାରେ ଯାଇ ରୁହନ୍ତୁ ଓ ତରବିୟତର କାମ କରନ୍ତୁ । ଏହା ହେଉଛି ୱକ୍‌ଫେ ଆରଜି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଅନ୍ୟମାନଙ୍କର କାମକୁ ନିଜ ଖାତାରେ ପକାଓନାହିଁ ୱକ୍‌ଫେ ଆରଜିର ପ୍ରୋଗ୍ରାମ୍ ବନାଓ ଓ ସବୁଠାରୁ ପ୍ରଥମେ ଆମେଲାର ସଦସ୍ୟମାନେ ୱକ୍‌ଫେ ଆରଜି କରନ୍ତୁ ।

କାଏଦ୍ ତଜନିଦ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ଅନ୍‌ସାର୍ ମାନଙ୍କର ସଂଖ୍ୟା ହେଉଛି ୧୫୧ । ହଜୁର୍ ଅନୁଓ୍ୱର୍ ପୁଣି କହିଲେ କି ଯିଏ ନିଜକୁ ଅହେମଦୀ ବୋଲି କହୁଛି ତାଙ୍କୁ ନିଜ ତଜନିଦ୍‌ରେ ସାମିଲ୍ କରନ୍ତୁ । ସେ ଚାନ୍ଦା ଦେଉ ବା ନଦେଉ । ସେହିପରି ଯେଉଁମାନେ ଜମାତ୍‌ରୁ ଟିକେ ଦୂରେଇ ଯାଇଛନ୍ତି ସେମାନଙ୍କୁ ଆକ୍ଟିଭ୍ କରାନ୍ତୁ । ୧୫୧ ଜଣ ଅନ୍‌ସାର୍ ଗୋଟିଏ ମହଲାର ମଜ୍‌ଲିସ୍‌ରେ ହୋଇଥାଆନ୍ତି । ତେଣୁ ଆପଣ ପ୍ରତ୍ୟେକଙ୍କ ସହିତ ଜଣ ଜଣ କରି ଯୋଗାଯୋଗ ରଖିପାରିବେ । ତେଣୁ ସମ୍ପର୍କ ଯୋଡ଼ନ୍ତୁ ଓ ଯୋଗାଯୋଗ ରଖନ୍ତୁ । ଜଇମ୍ ମାନଙ୍କ ସହିତ ଯୋଗାଯୋଗ କରି ନିଜ ତଜନିଦ୍‌କୁ ସମ୍ପୂର୍ଣ୍ଣ କରିବା ଉଚିତ୍

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ହଜରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ କହିଥିଲେ କି ୪୦ ବର୍ଷ ପର୍ଯ୍ୟନ୍ତ ଜଣେ ଖାଦିମ୍ ବହୁତ ଆକ୍ଟିଭ୍ ହୋଇଥାଏ । କିନ୍ତୁ ଯେବେ ଆରବର୍ଷକୁ ସେ ଅନ୍‌ସାର୍‌ରେ ପାଦ ଥାପେ ତେବେ ତାକୁ କଣ ହୋଇଯାଏ କେଜାଣି । ସେ ଅଳସୁଆ ହୋଇଯାଏ ଓ ସେ ଏକଥା ଏଇଥିପାଇଁ କହିଥିଲେ କି ଅନ୍‌ସାର୍‌ରେ ଆସିବା ପରେ ମଧ୍ୟ ଆପଣମାନେ ବହୁତ ଆକ୍ଟିଭ୍ ରହିବେ ।

କାଏଦ୍ ତାଲିମୁଲ୍ କୁରଆନ୍ ବତାଇଲେ କି ଆମର ୧୨୫ ଜଣ ଅନ୍‌ସାରଙ୍କ ସହିତ ଯୋଗାଯୋଗ ରହିଛି । ସେମାନଙ୍କ ମଧ୍ୟରୁ ତିନିଜଣଙ୍କୁ ନାଜେରା ଆସୁନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ନିଜ ଜଇମ୍ ମାନଙ୍କ ସହିତ ଯୋଗାଯୋଗ କରି ସେ ସମସ୍ତଙ୍କ ସହିତ ସମ୍ପର୍କ ରଖନ୍ତୁ ଓ ସମସ୍ତଙ୍କର ଜାଏଜା ନିଅନ୍ତୁ ଓ ନିଜ ଅନ୍‌ସାର୍‌ମାନଙ୍କୁ ୱକ୍‌ଫେ ଆରଜି କରିବା ପାଇଁ ଅଭ୍ୟାସରେ ପକାନ୍ତୁ ଓ ଯେଉଁମାନଙ୍କ ନାଜେରା ଆସୁନାହିଁ ସେମାନଙ୍କୁ ଶିଖାନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ରବ୍‌ଓ୍ୱାରେ ଅନ୍‌ସାରୁଲ୍ଲାଃ ଏ ପ୍ରୋଗ୍ରାମ୍ ଆରମ୍ଭ କରିଥିଲା କି ଯେଉଁମାନଙ୍କୁ ନାଜେରା କୋରାନ୍ କରିମ୍ ଆସୁନାହିଁ ସେମାନଙ୍କୁ ପଢ଼ିବା ଶିଖାଇ ଦିଆଯାଉ । ସୁତରାଂ ବଡ଼ ବୟସର ଅନ୍‌ସାର୍‌ମାନଙ୍କୁ ଶିଖାଗଲା ଓ ପୁଣି ସେଠାରେ ୮୦ ବର୍ଷ ବୁଢ଼ାଙ୍କର ମଧ୍ୟ ଆମିନ୍ କରାଗଲା ।

କାଏଦ୍ ତର୍‌ବିୟତ୍‌କୁ ସମ୍ବୋଧନ କରି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ତର୍‌ବିୟତ୍ କାର୍ଯ୍ୟ ହେଉଛି ବହୁତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଯଦି ସଠିକ୍ ତର୍‌ବିୟତ୍ ହୋଇଯିବ ତେବେ ଆପଣଙ୍କର ସମସ୍ତ ସମସ୍ୟା ସମାଧାନ ହୋଇଯିବ । ଆପଣଙ୍କୁ କାମ ଆରମ୍ଭ କରିବାର ତିନି ଚାରି ମାସ ହୋଇସାରିଲାଣି । କିନ୍ତୁ ଏ ପର୍ଯ୍ୟନ୍ତ କିଛି କାମ ହୋଇନାହିଁ । ତିନି ଚାରି ମାସରେ ତ ବିଶ୍ୱ ଜୟ କରାଯାଇପାରେ ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ନିଜର ତିନି ତିନି ମାସର ଲାହେ ଅମଲ୍ ବନାନ୍ତୁ ଓ ନିଜର ଏକ ଟାର୍ଗେଟ୍ ହାସଲ କରନ୍ତୁ । ପ୍ରତ୍ୟେକ ତିନିମାସର ପ୍ରୋଗ୍ରାମ୍ ବନାଇ ନିଜର ଟାର୍ଗେଟ୍ ହାସଲ କରନ୍ତୁ । ଅନ୍‌ସାର୍‌ମାନଙ୍କୁ ଏମ୍.ଟି.ଏ ସହିତ ଯୋଡ଼ନ୍ତୁ । ଘରେ ସ୍ତ୍ରୀ ପିଲା ସମସ୍ତଙ୍କର ଏମ୍.ଟି.ଏ ସହିତ ସମ୍ପର୍କ ରହୁ । ଖୁତ୍‌ବା ଜୁମା ନିୟମିତ ଶୁଣନ୍ତୁ ଓ ଘରେ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଣାନ୍ତୁ । ନମାଜ ପ୍ରତି ଓ କୋରାନ୍ କରିମ୍‌ର ତିଲାଓ୍ୱତ୍ କରିବା ପ୍ରତି ଧ୍ୟାନ ଦିଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁଠି ଦୁଇ ଚାରିଟି ଘର ଅଛି ସେଠାରେ ସମସ୍ତେ ମିଶି ବାଜମାତ୍ ନମାଜ ପଢ଼ନ୍ତୁ । ପୁଣି ହଜୁର୍ କହିଲେ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ଖଲିଫା ମାନଙ୍କ ଇଖ୍‌ତେବାସ୍ ବାହାର କରି ଅନ୍‌ସାର୍ ମାନଙ୍କୁ ପଠାନ୍ତୁ । କେହି ନା କେହି ପଢ଼ିନେବେ ।

କାଏଦ୍ ତରବିତୟ୍ ନୌମୁବାଇନ୍‌ଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସମ୍ବୋଧନ କରି କହିଲେ କି ନୌମୁବାଇନ୍‌ଙ୍କ ତର୍‌ବିୟତ୍ ପାଇଁ ନୌମୁବାଇନ୍ ହେବା ଉଚିତ୍ । ପୁଣି ହଜୁର୍ କହିଲେ କି ଯେଉଁମାନେ ବିଗତ ତିନିବର୍ଷ ହେବ ନୌମୁବାଇନ୍ ଅଛନ୍ତି ଯଦି ସେମାନେ ଜମାତ୍‌ର ମେନ୍ ଷ୍ଟ୍ରିମ୍‌ରେ ସାମିଲ୍ ନ ହେବେ ତେବେ ତା ତର୍‌ବିୟତ୍ ବିଭାଗର ଦୁର୍ବଳତା ଓ ଅବହେଳା ଅଟେ । ଯେଉଁ ସବୁ ଆକ୍ଟିଭ୍ ଓ କର୍ମଠ ମଜ୍‌ଲିସ୍

*ଅବଶିଷ୍ଟାଂଶ ପୃଷ୍ଠା-୦୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan